୬ ଏସିଆନ୍ ଗେମ୍‌କୁ ନେଇ ଉଠିଲା ନୂଆ ବିବାଦ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୨୩୧ ● ୨୦ ସେପ୍ଟେମ୍ବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-231 ● 20th September 2026, Sunday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27




## ସରକାରୀ ସେବାରେ 'ନାଗରିକ ଦେବୋ ଭବ'କୁ କରନ୍ତୁ ମନ୍ତ୍ର

# ୫୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୯ ।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ସରକାରୀ ସେବାରେ ସାମିଲ ହେଉଥିବା ଯୁବକଯୁବତୀମାନଙ୍କୁ 'ନାଗରିକ ଦେବୋ ଭବ'କୁ ନିଜର ମନ୍ତ୍ର କରିବାକୁ ଆହ୍ୱାନ କରି କହିଛନ୍ତି ଯେ ନାଗରିକଙ୍କ ସେବା ହିଁ ରାଷ୍ଟ୍ରର ସେବା ଏବଂ ସରକାରୀ କର୍ମଚାରୀଙ୍କ ବ୍ୟବହାର, ସମ୍ବେଦନଶୀଳତା, କାର୍ଯ୍ୟଦକ୍ଷତା ତଥା ସଚ୍ଚୋଟତା ଦ୍ୱାରା ହିଁ ଲୋକମାନଙ୍କର ସରକାର ସହିତ ଅନୁଭବ ନିର୍ଦ୍ଧାରିତ ହୁଏ।

ମୋଦୀ ୨୦ତମ ରୋଜଗାର ମେଳାକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରି ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନିଯୁକ୍ତ ୫୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ହସ୍ତାନ୍ତର କରିଥିଲେ। ନବନିଯୁକ୍ତ ଯୁବକଯୁବତୀ ଏବଂ ସେମାନଙ୍କ ପରିବାରକୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ ସେମାନଙ୍କ ସଫଳତାରେ ସେମାନଙ୍କ ପରିଶ୍ରମ ସହିତ ମାତାପିତା ଏବଂ ପରିବାରର ତ୍ୟାଗର ମଧ୍ୟ ବଡ଼ ଭୂମିକା ରହିଛି। ଏହି ରୋଜଗାର ମେଳା ଦେଶବ୍ୟାପୀ ୪୫ଟି ସ୍ଥାନରେ ଆୟୋଜିତ ହୋଇଥିଲା।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ନିଯୁକ୍ତି ପତ୍ର ପାଉଥିବା ଯୁବକଯୁବତୀମାନେ ଏପରି ସମୟରେ ସରକାରୀ ସେବାରେ ପ୍ରବେଶ କରୁଛନ୍ତି, ଯେତେବେଳେ ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବାର ଲକ୍ଷ୍ୟ ଦିଗରେ ଆଗକୁ ବଢ଼ୁଛି। ସେ ଯୁବକଯୁବତୀମାନଙ୍କୁ କହିଛନ୍ତି ଯେ ସେମାନଙ୍କ ପ୍ରତ୍ୟେକ ନିଷ୍ପତ୍ତି ଏବଂ ପ୍ରୟାସରେ ବିକଶିତ ଭାରତ ଏବଂ ଆତ୍ମନିର୍ଭର ଭାରତର ସଂକଳ୍ପ ମଜଭୁତ ହେବା ଉଚିତ।





ସେ କହିଛନ୍ତି ଯେ ଭାରତୀୟ ଯୁବକଯୁବତୀଙ୍କ ଦକ୍ଷତା, ପ୍ରତିଭା ଏବଂ ନବସୃଜନ ଉପରେ ବିଶ୍ୱର ଭରସା ବଢ଼ୁଛି। ଭାରତର ଯୁବକଯୁବତୀମାନେ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରୁଛନ୍ତି ଏବଂ ଏବେ ଏହି ଶକ୍ତି ତଥା କ୍ଷମତା ସାର୍ବଜନୀନ ସେବାରେ ମଧ୍ୟ ଦେଖାଯିବା ଉଚିତ। ମୋଦୀ କହିଛନ୍ତି ଯେ ଯୁବକଯୁବତୀମାନଙ୍କୁ ନିରନ୍ତର ଶିଖି ଚାଲିବାକୁ ହେବ ଏବଂ ନୂତନ ପ୍ରଯୁକ୍ତି, ନୂତନ ବ୍ୟବସ୍ଥା ତଥା ବଦଳୁଥିବା ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିବାକୁ ହେବ।

ପ୍ରଧାନମନ୍ତ୍ରୀ ସମ୍ପ୍ରତି ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀର ଉଲ୍ଲେଖ କରି କହିଛନ୍ତି ଯେ ଭାରତ ଚାହୁଁଛି ଯେ ବ୍ରିକ୍ସର ସହଯୋଗ କେବଳ ସରକାରଗୁଡ଼ିକ ମଧ୍ୟରେ ସୀମିତ ନ ରହୁ, ବରଂ ଉଦ୍ୟୋଗୀ, କୃଷକ, ମହିଳା ଏବଂ ଯୁବକଯୁବତୀମାନଙ୍କୁ (ପୃଷ୍ଠା ୭ରେ)

### ଭୁବନେଶ୍ୱର ଓ କଟକରେ ବିଂଶତମ ଜାତୀୟ ରୋଜଗାର ମେଳା

## କେନ୍ଦ୍ର ଜନଜାତି ବ୍ୟାପାର ଓ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ସାମିଲ

**ଭୁବନେଶ୍ୱର, ୧୯ ।୯**
**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଂଶତମ 'ରୋଜଗାର ମେଳା'ରେ ବିଭିନ୍ନ ସରକାରୀ ସଂସ୍ଥାରେ ନୂତନ ଭାବେ ନିଯୁକ୍ତ ଯୁବକ-ଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏହି କ୍ରମରେ ଭୁବନେଶ୍ୱର ଏବଂ କଟକରେ ଦୁଇଟି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି ।

ଭାରତ ସରକାରଙ୍କର ଆୟକର ବିଭାଗ, ଓଡ଼ିଶା ଶାଖା ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮୦ ରୁ ଅଧିକ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବିତରଣ କରିଥିଲେ । ଆୟକର ବିଭାଗ, ଡାକ ବିଭାଗ, ସିଆଇଏସଏଫ ଏବଂ ବିଭିନ୍ନ ସରକାରୀ ବ୍ୟାଙ୍କରେ ଏହି ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିଛି ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି, ରୋଜଗାର ମେଳା (ପୃଷ୍ଠା ୭ରେ)

## ଅଘଟଣ : ଜଳସ୍ରୋତରେ ଭାସିଗଲା କାର

# ଓଡ଼ିଶାର ୮ ତୀର୍ଥଯାତ୍ରୀ ମୃତ

**ଆଗର ମାଲଓ୍ୱା, ୧୯ ।୯**

ମଧ୍ୟପ୍ରଦେଶର ଆଗର ମାଲଓ୍ୱା ଜିଲ୍ଲାର ନଲଖେଡ଼ାରେ ଶୁକ୍ରବାର ବିଳମ୍ବିତ ରାତିରେ ମା' ବଗଳାମୁଖୀ ମନ୍ଦିର ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମନ୍ଦିର ନିକଟରେ ଓଡ଼ିଶାର ଶ୍ରଦ୍ଧାଳୁମାନଙ୍କୁ ନେଇ ଯାଉଥିବା ଏକ କାର ବର୍ଷାଜଳରେ ଫୁଲି ଉଠିଥିବା ନାଳର ପ୍ରଖର ସ୍ରୋତରେ ଭାସିଯାଇଥିଲା। ଏହି ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଜଣ ଶିଶୁ, ୨ ଜଣ ମହିଳା ଓ ୩ ଜଣ ପୁରୁଷ ଅଛନ୍ତି। ମୃତକଙ୍କ ମଧ୍ୟରୁ ୭ ଜଣ ଓଡ଼ିଶାର ବାସିନ୍ଦା ଥିଲେ।

ପୋଲିସ ଅଧୀକ୍ଷକ ଦିଲୀ କୁମାର ସୋନି ଶନିବାର ଏହି ଘଟଣାର ତଦନ୍ତ କରି କହିଛନ୍ତି ଯେ, ମୃତକଙ୍କ ମଧ୍ୟରୁ ୭ ଜଣ ଓଡ଼ିଶାର ବାସିନ୍ଦା ଥିବାବେଳେ କାର ଚାଳକ ଅରୁଣ ଗୋଏଲ ଆଗର ମାଲଓ୍ୱା ଜିଲ୍ଲାର ବଡ଼ୋଦ ଅଞ୍ଚଳର ବାସିନ୍ଦା ଥିଲେ। ଦୁର୍ଘଟଣା ପରେ ପାଣିର ପ୍ରଖର ସ୍ରୋତରେ କାରଟି ପୋଲ ନିକଟରୁ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ନାଳ ଭିତରକୁ ଭାସିଯାଇଥିଲା। ପାଣିର ତୀବ୍ର ସ୍ରୋତ ଯୋଗୁଁ କାରଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଉଦ୍ଧାରକାରୀ ଦଳ କାରଟିକୁ



ନାଳରୁ ବାହାର କରିବା ସହ ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ।

ପୁଲିସର ସୂଚନା ଅନୁଯାୟୀ, ଓଡ଼ିଶାର ୭ ଜଣ ବାସିନ୍ଦା ଆଗର ମାଲଓ୍ୱା ଜିଲ୍ଲାର ନଲଖେଡ଼ାସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ବଗଳାମୁଖୀ ମନ୍ଦିରରେ ଦର୍ଶନ ପାଇଁ ଆସିଥିଲେ। ସେମାନେ ଉଜ୍ଜୟିନୀରୁ ଏକ କାର ଭଡ଼ାରେ ନେଇଥିଲେ। ଶୁକ୍ରବାର ସମସ୍ତେ ମା' ବଗଳାମୁଖୀ ମନ୍ଦିର ଦର୍ଶନ ପାଇଁ ନଲଖେଡ଼ାରେ ପହଞ୍ଚିଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାର ସୂଚନା ମିଳିବା ମାତ୍ରେ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦ୍ଧାର ଅଭିଯାନ ସମୟରେ ସ୍ଥାନୀୟ ଲୋକମାନେ ଦଉଡ଼ି ବାନ୍ଧି କାରଟିକୁ ନାଳରୁ ବାହାରକୁ ଟାଣି ଆଣିଥିଲେ। ଏହାପରେ ପୁଲିସ କାର ଭିତରେ ଫସିଥିବା ଲୋକମାନଙ୍କ ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାସ୍ଥଳରେ ପ୍ରଶାସନ ଓ ପୁଲିସର ଟିମ୍ ଉପସ୍ଥିତ ଅଛନ୍ତି।

ଦୁର୍ଘଟଣାରେ ମୃତ କାର ଚାଳକଙ୍କ ପରିଚୟ ଅରୁଣ ଗୋଏଲ ବୋଲି ଜଣାପଡିଛି। ସେ ଆଗର ମାଲଓ୍ୱା ଜିଲ୍ଲାର ବଡ଼ୋଦ ଅଞ୍ଚଳର ସୁଦବାସ ନିବାସୀ ଥିଲେ। ଦୁର୍ଘଟଣା ପରେ ପ୍ରଶାସନ ତାଙ୍କ ପରିଚୟ ନିଶ୍ଚିତ କରିଛି। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲୋକମାନେ ପ୍ରଶାସନ ବିରୋଧରେ ନାରାବାଜି କରୁଛନ୍ତି। ଅମ୍ବେଡକର ଛକରେ ଚକାଜାମ କରାଯାଇଛି। ଘଟଣାସ୍ଥଳରେ ଜିଲ୍ଲାପାଳ (ପୃଷ୍ଠା ୭ରେ)

# ସମାନ କାମ ପାଇଁ ସମାନ ଦରମା ଦାବି କରିପାରିବେନି

**ନୂଆଦିଲ୍ଲୀ, ୧୯ ।୯**

ସମାନ କିମ୍ବା ଏକାପ୍ରକାରର କାର୍ଯ୍ୟ କରିବା ଦ୍ୱାରା ଜଣେ କର୍ମଚାରୀ ସମାନ ଦରମା ପାଇବା ପାଇଁ ହକ୍‌ଦାର ହୋଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି। କୋର୍ଟଙ୍କ ମତ ଅନୁଯାୟୀ, ସମାନ କାର୍ଯ୍ୟ କରିବାର ଅର୍ଥ ସମାନ ମୂଲ୍ୟର କାର୍ଯ୍ୟ କରିବା ନୁହେଁ। ଦରମା ସମାନତା ଦାବି କରିବା ପାଇଁ କେବଳ



କାର୍ଯ୍ୟର ସମାନତା ଯଥେଷ୍ଟ ନୁହେଁ, ବରଂ ନିଯୁକ୍ତିର ଉତ୍ସ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ନିଯୁକ୍ତି ପ୍ରକ୍ରିୟା ଏବଂ ଦାୟିତ୍ୱ ଓ ଉତ୍ତରଦାୟିତ୍ୱର ଗୁରୁତ୍ୱ ପରି ବିଭିନ୍ନ ଦିଗରେ ବ୍ୟାପକ ସମାନତା ପ୍ରମାଣିତ କରିବାକୁ ପଡ଼ିବ।

ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରକାଶିତ ଏହି ରାୟରେ ସ୍ପଷ୍ଟ କରିଛନ୍ତି ଯେ କେବଳ କାର୍ଯ୍ୟାତ୍ମକ ସମାନତା ଆଉ ଯଥେଷ୍ଟ ନୁହେଁ। (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ସେପ୍ଟେମ୍ବର ୨୯ରେ ବାରାପୁଲ୍ଲା ଫେଜ୍-୩ର ଉଦ୍‌ଘାଟନ କରିବେ ଅମିତ ଶାହା।
- କର୍ଣ୍ଣାଟକର ହୁବଲିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଲା।
- ଡିୟୁର ଜନାଦେଶ ସମଗ୍ର ଦେଶର ଯୁବମାନଙ୍କ ମନର ପ୍ରତିବିମ୍ବ : ଅମିତ ଶାହ।
- ଡୁସୁ ନିର୍ବାଚନରେ ଅଭାବିପର ବିଜୟ ପାଇଁ ବିଜେପି ଜଣାଇଲା ଅଭିନନ୍ଦନ।
- ନେପାଳର ସମ୍ବିଧାନ ଦିବସରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଜଣାଇଲେ ଅଭିନନ୍ଦନ।
- ଡ୍ରଗ୍ସ ଏବଂ ପିଏସିଏଲ୍ ମାମଲାରେ ୯୦ ଲକ୍ଷରୁ ଅଧିକ ମୂଲ୍ୟର ସମ୍ପତ୍ତି ଜବତ କଲା ଇଡି।
- ଅର୍ଥମନ୍ତ୍ରୀ ସମ୍ମିଳନୀରେ ଯୋଗ ଦେଲେ କେଭି ସିଂହଦେଓ।
- ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ର୍ୟାକେଟ୍ ମାମଲାରେ ୫ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୫୮୪ (+୧୪୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୮୫ (+୧୩୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୮୮ (+୧୦୬)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୫)

### ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗର ନିର୍ଦ୍ଦେଶ

## ନିର୍ଦ୍ଧାରିତ ସମୟରେ ମାମଲାର ସମାଧାନ କର

**ଭୁବନେଶ୍ୱର, ୧୯ ।୯**
**ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ତଥା କ୍ଷେତ୍ର ସ୍ତରରୁ ବିଭାଗକୁ ପଠାଯାଉଥିବା ବିଭିନ୍ନ ସ୍ପଷ୍ଟୀକରଣ, ଆଇନଗତ ମାମଲା ଏବଂ ନିର୍ଦ୍ଦେଶାବଳୀ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକର ସମ୍ପୂର୍ଣ୍ଣ ସମୀକ୍ଷା, ତଥ୍ୟ ଯାଞ୍ଚ ଏବଂ ସମୟଭିତ୍ତିକ ଅନୁଧ୍ୟାନ ନିଶ୍ଚିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବିନା ପର୍ଯ୍ୟାପ୍ତ ସମୀକ୍ଷା, ଅସମ୍ପୂର୍ଣ୍ଣ ତଥ୍ୟ କିମ୍ବା ଆବଶ୍ୟକୀୟ ଦସ୍ତାବିଜ୍ ବିନା ପ୍ରସ୍ତାବ ପଠାଯାଉଥିବାରୁ ବାରମ୍ବାର ଚିଠି ଆଦାନପ୍ରଦାନ ହେବା ସହ କାର୍ଯ୍ୟ ବିଳମ୍ବ ହେଉଥିବା ବିଭାଗ ପକ୍ଷରୁ ଲକ୍ଷ୍ୟ କରାଯାଇଛି। ଏହାକୁ ରୋକିବା ପାଇଁ ବିଭିନ୍ନ ଦିଗଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ଜିଲ୍ଲାପାଳମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି ।

ପ୍ରତ୍ୟେକ ପ୍ରସ୍ତାବରେ ଘଟଣାର ପୂରା ପୃଷ୍ଠଭୂମି, ସମ୍ପୃକ୍ତ ଆଇନ ତଥା ନିୟମ, ଏହାର ବିଶ୍ଳେଷଣ ଏବଂ ଜିଲ୍ଲାପାଳ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମତାମତ ଓ (ପୃଷ୍ଠା ୭ରେ)




## ସଠିକ୍ ପାଠ୍ୟ ପୁସ୍ତକ ପ୍ରସ୍ତୁତି ଚାଲିଛି : ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୧୯ ।୯**
**ନ୍ୟୁଜ୍ ବ୍ୟୁରୋ**

ପ୍ରଥମରୁ ଅଷ୍ଟମ ପାଠ୍ୟପୁସ୍ତକରେ ତ୍ରୁଟି ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ସଠିକ୍ ପାଠ୍ୟ ପୁସ୍ତକ ପ୍ରସ୍ତୁତି ଚାଲିଛି। ପ୍ରୁଫ୍ ରିଡିଂ କରାଯାଉଛି। କିଭଳି ପୁନର୍ବାର କିଛି ତ୍ରୁଟି ସାମ୍ନାକୁ ନ ଆସିବ ସେନେଇ ସରକାର ସଚେତନ ଅଛନ୍ତି। ଯେତେ ଶୀଘ୍ର ହୋଇପାରିବ ନିର୍ଭୁଲ ବହି ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ।

# ଅପରାଧୀ ଓ ଅସାମାଜିକଙ୍କ ଉପରେ କଡ଼ା ନଜର



**ଭୁବନେଶ୍ୱର, ୧୯ ।୯**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ସହ ଅପରାଧୀ ଓ ଅସାମାଜିକଙ୍କ ଉପରେ କଡ଼ା ପଦକ୍ଷେପ ନେବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଆରମ୍ଭ କରାଯାଉଛି।

ଏହି ଅଭିଯାନ ୨୧.୦୯.୨୦୨୬ରୁ ୩୦.୦୯.୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ। ଅଭିଯାନ ସମୟରେ ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବ। ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରିବା ସହ ପ୍ରତିଷେଧମୂଳକ ଆଇନଗତ ପଦକ୍ଷେପ ନିଆଯିବ। ବେଆଇନ କାର୍ଯ୍ୟକଳାପ ବିରୋଧରେ ଚଢ଼ାଉ ଓ ଗିରଫଦାରୀକୁ ମଧ୍ୟ ଗୁରୁତ୍ୱ ଦିଆଯିବ।

ବେଆଇନ ମଦ କାରବାର, ନିଶାଦ୍ରବ୍ୟ ଚାଲାଣ, ବେଆଇନ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ କାରବାର ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ବଳପୂର୍ବକ ଚାନ୍ଦା ଆଦାୟ ଏବଂ ସଂଗଠିତ ଅପରାଧ ବିରୋଧରେ ମଧ୍ୟ କଡ଼ା ଆଇନଗତ ପଦକ୍ଷେପ ନିଆଯିବ।

ଅପରାଧୀଙ୍କ ଗତିବିଧି ରୋକିବା ପାଇଁ ସୀମାନ୍ତ ଅଞ୍ଚଳରେ ବ୍ଲକିଂ ଓ ବର୍ଡର ସିଲିଂ କରାଯିବ। ଜିଲ୍ଲା ପୋଲିସ, ରେଳବାଇ ପୋଲିସ, କମିଶନରେଟ୍ (ପୃଷ୍ଠା ୭ରେ)

# ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଏବିଭିପିର ବିଜୟ

**ନୂଆଦିଲ୍ଲୀ, ୧୯ ।୯**

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରସଂଘ (ଡୁସୁ) ନିର୍ବାଚନ ୨୦୨୬ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଗତବର୍ଷର ଫଳାଫଳକୁ ବଜାୟ ରଖି ଅଧ୍ୟକ୍ଷ, ସଚିବ ଓ ଯୁଗ୍ମ ସଚିବ ପଦରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଉପାଧ୍ୟକ୍ଷ ପଦରେ ସ୍ୱାଧୀନ ପ୍ରାର୍ଥୀ ଦୀପାଂଶୁ ଶୌକୀନ ବିଜୟୀ ହୋଇଛନ୍ତି।

ଶନିବାର ଘୋଷିତ ନିର୍ବାଚନ ଫଳାଫଳ ଅନୁଯାୟୀ, ଏବିଭିପିର ଯଶ ଡବାସ ଅଧ୍ୟକ୍ଷ ପଦରେ ୨୪,୫୭୬ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ଏନ୍‌ଏସ୍‌ୟୁଆଇର ବିଜୟ ଶଙ୍କର ମୀଣାଙ୍କୁ ୨,୦୫୩ ଭୋଟରେ ପରାସ୍ତ



କରିଛନ୍ତି। ମୀଣା ୨୨,୫୨୩ ଭୋଟ ପାଇଥିଲେ। ଏବିଭିପିର ରିୟା ଛାଓ୍ୱଡ଼ୀ ସଚିବ ଏବଂ ଲକ୍ଷ୍ୟରାଜ ସିଂହ ଯୁଗ୍ମ ସଚିବ ପଦରେ ବିଜୟୀ ହୋଇଛନ୍ତି।

ଉପାଧ୍ୟକ୍ଷ ପଦରେ ସ୍ୱାଧୀନ ପ୍ରାର୍ଥୀ ଦୀପାଂଶୁ ଶୌକୀନ ୩୦,୬୧୫ ଭୋଟ ପାଇ ଏବିଭିପିର ଇଶୁ (ପୃଷ୍ଠା ୭ରେ)





# ରଷିକୁଲ୍ୟା ପାଇଁ ବିପଦ ସାଜିଛି କାଶତଣ୍ଡୀ

**ଧରାକୋଟ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲାର ରଷୀମାଳ ପର୍ବତରୁ ରଷିକୁଲ୍ୟା ନଦୀ ଜନ୍ମନେଇ ଗଞ୍ଜାମ ଜିଲ୍ଲାର ସୋରଡ଼ା, ଧରାକୋଟ, ଆସିକା, ହିଞ୍ଜିଳି, ପୁରୁଷୋତ୍ତମପୁର ବ୍ଲକ୍ ପରେ ଗଞ୍ଜାମ ବ୍ଲକ୍ ଦେଇ ବଙ୍ଗୋପସାଗରରେ ମିଶିଛି। ଗଞ୍ଜାମ ଜିଲ୍ଲାବାସୀଙ୍କ ପିଇବା ପାଣି, ଜଳସେଚନରେ ରଷିକୁଲ୍ୟା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଣୁ ଏହାକୁ ଗଞ୍ଜାମ ଜିଲ୍ଲାର ଜୀବନରେଖା କୁହାଯାଏ। ହେଲେ ଏହି ପୁରାତନ ରଷିକୁଲ୍ୟା ନଦୀ ଏବେ ବିପଦରେ ରହିଛି। ଦିନକୁ ଦିନ ନଦୀର ଗର୍ଭ ପୋତି ହୋଇଗଲାଣି। ବର୍ଷା ଦିନେ ନଦୀର ବନ୍ୟାଜଳ ଦୁଇ କୂଳ ଖାଇବା ଯୋଗୁ ଧୀରେ ଧୀରେ ଏହା ଜନବସତି ଆଡ଼କୁ ମାଡ଼ି ଯାଉଥିବା ଦେଖାଯାଉଛି।



ଅନୁସନ୍ଧାନ ବେଳେ ଦେଖାଯାଇଛି, ନଦୀର ଗର୍ଭ କାଶତଣ୍ଡୀ ସହ ବିଭିନ୍ନ ଲତା ଜାତୀୟ ଗଛରେ ଭରି ଗଲାଣି। ଅନ୍ୟପକ୍ଷେ ବେଲଗାମ ଭାବେ ବାଲି ଖନନ ଯୋଗୁ ନଦୀ ସ୍ଥାନେ ସ୍ଥାନେ ଗତିପଥ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଲାଣି। ଏହା ମଧ୍ୟରେ ଭଞ୍ଜନଗର ଜଳସେଚନ ବିଭାଗ ପକ୍ଷରୁ ଦୁର୍ବଳ ନଦୀ ହିଡ଼ର ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି। ସେହିପରି ବିଭାଗ ପକ୍ଷରୁ ସୋରଡ଼ା ବ୍ଲକ୍‌ର ପିପଲପଙ୍କା, ଧରାକୋଟ ବ୍ଲକ୍‌ର ଜାନବିଲି ଓ ଛତ୍ରପୁର ବ୍ଲକ୍‌ର କଂସାରୀଗଣ୍ଡ ଠାରେ ଜିଲାର ଜଳସେଚନ ଓ ପିଇବାପାଣି ସମସ୍ୟାର ସମାଧାନ ପାଇଁ ନୂତନ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନଦୀ ଭିତରେ ମାଇଲ ମାଇଲ ଧରି କାଶତଣ୍ଡୀ ବଂଶ ବିସ୍ତାର କରିବାରେ ଲାଗିଛି। ନିଜର ସୌନ୍ଦର୍ଯ୍ୟରେ ଲୋକଙ୍କୁ ଆକର୍ଷିତ କରିବା ସହ ପାର୍ବଣ ଆଗମନର ସୂଚନା ଦେଉଥିବା କାଶତଣ୍ଡୀ ରଷିକୁଲ୍ୟା ପାଇଁ ଅଭିଶାପ ପାଲଟିଥିବା ଦେଖା ଦେଇଛି। କାଶତଣ୍ଡୀର ବଂଶ ବିସ୍ତାର ନଦୀର ସୁରକ୍ଷାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନଦୀର ସୁରକ୍ଷା ପାଇଁ କାଶତଣ୍ଡୀ ହଟାଇବା ଜରୁରୀ ହୋଇପଡ଼ିଥିବା ବେଳେ ଏହାର ଶୁଭ୍ରତା ପାର୍ବଣ ଋତୁ ଆଗମନର ସୂଚନା ଦେଉଛି। ଏଣୁ ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# କେନ୍ଦୁଝରର ସ୍କୁଲଗୁଡ଼ିକରେ ପ୍ରଯୁକ୍ତିବିଦ୍ୟା ଓ ଗୁଣାତ୍ମକ ଶିକ୍ଷାର ନୂଆ ଅଧ୍ୟାୟ : 'ଷ୍ଟାର୍ସ' ମାଧ୍ୟମରେ ସୁଦୃଢ଼ ହେଉଛି ଶିକ୍ଷା ଭିତ୍ତିଭୂମି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଗ୍ରାମାଞ୍ଚଳର ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାଦାନର ଶୈଳୀ ସମ୍ପୂର୍ଣ୍ଣ ବଦଳିବାରେ ଲାଗିଛି। କେବଳ ଘୋଷାପାଠ ନୁହେଁ, ବ୍ୟାବହାରିକ ଜ୍ଞାନ ସହ ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଏହି ସ୍କୁଲଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଜିଲ୍ଲାରେ 'ଷ୍ଟାର୍ସ' ପ୍ରକଳ୍ପର ସଠିକ୍ କାର୍ଯ୍ୟକାରିତା ଯୋଗୁଁ ଏହି ସକାରାତ୍ମକ ପରିବର୍ତ୍ତନ ସମ୍ଭବ ହୋଇପାରିଛି।

ଘୋଷାପାଠ ଓ ପରୀକ୍ଷା କେନ୍ଦ୍ରିକ ସଂକୁଚିତ ଶିକ୍ଷା ପଦ୍ଧତିକୁ ଏଡ଼ାଇ ପିଲାଙ୍କ ମୌଳିକ ସୃଜନଶୀଳତା ଓ ବ୍ୟାବହାରିକ ଜ୍ଞାନର ବିକାଶ ପାଇଁ ଏହି ଯୋଜନା ଅଧୀନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ପିଲାମାନେ ବିଷୟବସ୍ତୁକୁ ମନେ ନରଖି ତାହାର ବ୍ୟାବହାରିକ ପ୍ରୟୋଗ ସମ୍ପର୍କରେ ଜ୍ଞାନ ଆହରଣ କରୁଛନ୍ତି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଶେଷ ତାଲିମ ପ୍ରଦାନ କରାଯାଉଛି, ଯାହା ଦ୍ୱାରା ଶ୍ରେଣୀଗୃହ ପାଠପଢ଼ା ଆହୁରି ଜୀବନ୍ତ ହୋଇପାରିଛି। ପ୍ରାଥମିକ ସ୍ତରରୁ ଭାଷା ଓ ଗଣିତ ଶିକ୍ଷା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ନିୟମିତ ଆକାଡେମିକ୍ ମନିଟରିଂ ମାଧ୍ୟମରେ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷଣ ସ୍ତରରେ ସୁଧାର ଅଣାଯାଉଛି। ଏହାଦ୍ୱାରା କେନ୍ଦୁଝର ଜିଲ୍ଲାର ବିଶେଷ କରି ଜନଜାତି ଓ ଅବହେଳିତ ବର୍ଗର ହଜାର ହଜାର କୋମଳମତି ଶିଶୁ ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇପାରୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରାମାଞ୍ଚଳ ଶିକ୍ଷାର ସମସ୍ୟାକୁ ନିକଟରୁ ଅନୁଭବ କରିଥିବାରୁ ଜିଲ୍ଲାର ପ୍ରତ୍ୟେକ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରମୁଖ ଦିଗଗୁଡ଼ିକୁ ପ୍ରାଥମିକତା ଦେଇଛନ୍ତି। ଦୁର୍ଗମ ପାହାଡ଼ିଆ ଅଞ୍ଚଳର ଜନଜାତି ପିଲା ଯେପରି ସହରାଞ୍ଚଳ ଭଳି ଗୁଣାତ୍ମକ ଶିକ୍ଷା ପାଇପାରିବେ, ସେଥିପାଇଁ ନିର୍ଦ୍ଦେଶ ରହିଛି। 'ଷ୍ଟାର୍ସ' ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର ପିଲାଙ୍କୁ ବୈଜ୍ଞାନିକ ମନୋଭାବ ଓ କମ୍ପ୍ୟୁଟର ଶିକ୍ଷା ସହ ଯୋଡ଼ାଯାଉଛି। ସ୍କୁଲଗୁଡ଼ିକରେ ପାଠାଗାର, ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ଓ ଖେଳପଡ଼ିଆ ଭଳି ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରାଯାଉଛି।

କେବଳ ନମ୍ବର ରଖିବା ଅପେକ୍ଷା ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଜୀବନ ଗଠନର ଶିକ୍ଷା ଭରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆଜି କେନ୍ଦୁଝରର ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷକଙ୍କ ନୂଆ ଉତ୍ସାହ ଓ ପିଲାଙ୍କ ଆଖିରେ ଭବିଷ୍ୟତର ଆଶା ସ୍ପଷ୍ଟ ବାରି ହୋଇପଡୁଛି। ସ୍ୱତନ୍ତ୍ର ଶିକ୍ଷାର ସଫଳ ରୂପାୟନ ପାଇଁ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ବିଶେଷ ତାଲିମ ମଧ୍ୟ ପ୍ରଦାନ କରାଯାଉଛି। 'ଷ୍ଟାର୍ସ' ପ୍ରକଳ୍ପ ଓ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଆଗାମୀ ଦିନରେ କେନ୍ଦୁଝରକୁ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପ୍ରସାରଣ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ କାତିକେଲା ଗ୍ରାମବାସୀ ଓ ସ୍କୁଲ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ଭୁର୍କାମୁଣ୍ଡା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଦାବିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରା ଯାଇଛି। ଦାବିପତ୍ରରେ ଉଲ୍ଲେଖ କରା ଯାଇଛି ଯେ, ଚଳିତ ବର୍ଷ କାତିକେଲା ଗ୍ରାମରେ ହାଇସ୍କୁଲ ଆରମ୍ଭ ହୋଇଛି। ଏହି ବିଦ୍ୟାଳୟରେ ନିକଟସ୍ଥ ଭୁର୍କାମୁଣ୍ଡା, ଦବକା ଆଦି ଗ୍ରାମର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଯାତାୟାତ ସୁବିଧା ନଥିବାରୁ ଛାତ୍ରଛାତ୍ରୀମାନେ ସ୍କୁଲ ଯିବା ଆସିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ସମସ୍ୟା ଯୋଗୁଁ କେତେକ ଅଭିଭାବକ ବିଦ୍ୟାଳୟରୁ ପିଲାଙ୍କ ଟିସି ନେଇ ଅନ୍ୟତ୍ର ପାଠ ପଢ଼ାଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ପୂର୍ବରୁ କୋଲାବିରା ଜନଶୁଣାଣି ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ କରିଥିଲେ। ବର୍ତ୍ତମାନ ଅପରାହ୍ନ ୩ଟା ୩୦ରେ କାତିକେଲା ପର୍ଯ୍ୟନ୍ତ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ଭୁର୍କାମୁଣ୍ଡା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଗଲେ ଛାତ୍ରଛାତ୍ରୀଙ୍କ ଯାତାୟାତ ସମସ୍ୟାର ସମାଧାନ ହେବା ସହ ଅଞ୍ଚଳବାସୀ ମଧ୍ୟ ଉପକୃତ ହେବେ ବୋଲି ଗ୍ରାମବାସୀ ଦାବି ପତ୍ରରେ ଦର୍ଶାଇଛନ୍ତି।

# ଏମଭି-୭୯ରେ ମିନି ବସ୍‌ଷ୍ଟାଣ୍ଡ ଦାବି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ (ରାମନଗର) ଠାରେ ମିନି ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ସହ ଅଞ୍ଚଳବାସୀ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି। ସୂଚନା ଅନୁସାରେ, ଏମଭି-୭୯ର ଯୁବକ ସୁରଜ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଦାବି ଉପସ୍ଥାପନ କରାଯାଇଥିଲା। ଜାତୀୟ ରାଜପଥ ନମ୍ବର ୩୨୬ କଡ଼ରେ ଥିବା ଏମଭି-୭୯ ଏକ ପ୍ରମୁଖ ବାଣିଜ୍ୟିକ ଓ ଯାତାୟାତ କେନ୍ଦ୍ର। ଏଠାରେ ସ୍ଥାୟୀ ବସଷ୍ଟାଣ୍ଡ ନଥିବାରୁ ବସ୍‌ଗୁଡ଼ିକ ରାସ୍ତା କଡ଼ରେ ରହୁଛି, ଫଳରେ ଯାତାୟାତରେ ବାଧା ଓ ଦୁର୍ଘଟଣା ଆଶଙ୍କା ରହୁଛି। ଯାତ୍ରୀ ପ୍ରତୀକ୍ଷାଳୟ ଓ ମୁଖ୍ୟ ଛକରେ ଡ୍ରେନେଜ ବ୍ୟବସ୍ଥାର ଉନ୍ନତି ପାଇଁ ମଧ୍ୟ ଦାବି ହୋଇଛି। ଏହାର ଜବାବରେ ମନ୍ତ୍ରୀ ଏମଭି-୭୯ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି କହିବା ସହ କାଲିମେଲାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲିଛି ଓ ଏମଭି-୭୯ ପାଇଁ ବିଭାଗୀୟ ସର୍ଭେ ପରେ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଭିଡିଓ କନଫରେନ୍ସରେ ପଲ୍ଲୀମଙ୍ଗଳ କମିଟି ସମ୍ପାଦକ ସଲିଲ ଆଇଚ, ସଞ୍ଜୟ ଦାଶ, ଶଶାନ ସାନା, ସନ୍ଦୀପ ହାଲଦାର, ପ୍ରହଲ୍ଲାଦ ଦାସ, ଗୁଲୁମ କର ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀଙ୍କ ଆଶ୍ୱାସନା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି।

# ମଦ ଦୋକାନକୁ ନେଇ ବଢ଼ୁଛି ଅସନ୍ତୋଷ : ସ୍ଥାନାନ୍ତର ହେଉ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ୍ ଛକରେ ଏକ ଠିପିବନ୍ଦ ମଦ ଦୋକାନ ପୁଣିଥରେ ଖୋଲିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟ୍ରାଫିକ୍ ସମସ୍ୟା ଦୋକାନର ନିଜସ୍ୱ ପାର୍କିଂ ସୁବିଧା ନ ଥିବାରୁ ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ରଖି ମଦ କିଣୁଛନ୍ତି। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ ନିୟମିତ ଟ୍ରାଫିକ ଜାମ ସୃଷ୍ଟି ହେଉଛି।

ଅସୁରକ୍ଷିତ ପରିବେଶ ରାଉରକେଲା, ସମ୍ବଲପୁର ଓ ବାରିପଦା ଯାଉଥିବା ଯାତ୍ରୀମାନେ (ବିଶେଷ କରି ମହିଳା ଓ ଶିଶୁ) ଏହି ଛକରେ ବସ ପାଇଁ ଅପେକ୍ଷା କରନ୍ତି। ମଦ୍ୟପଙ୍କ ଭିଡ଼ ଯୋଗୁଁ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।

ଆଇନ ଶୃଙ୍ଖଳା ବିପନ୍ନ ରାତିର ଅନ୍ଧାର ସୁଯୋଗ ନେଇ ମଦ୍ୟପମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଦ୍ୟପାନ କରି ବୋତଲ ଫୋପାଡ଼ି ଚାଲିଯାଉଛନ୍ତି। ପୂର୍ବରୁ ପ୍ରବଳ ଜନବିରୋଧ ଯୋଗୁ ଏହି ଦୋକାନକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ନୂତନ ନିଲାମ ପରେ ପୁଣି ଏହା ସମାନ ସ୍ଥାନରେ ଖୋଲିଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ସାମ୍ନାକୁ ପାର୍ବଣ ଋତୁ ଆସୁଥିବାରୁ ଭିଡ଼ ଆହୁରି ବଢ଼ିବା ସମ୍ଭାବନା ରହିଛି।

ଏହି ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଜିଲାପାଳ ବିଶାଲ ସିଂହ ଏବଂ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ୟା ଉପୁଜିଲେ ଦୋକାନ ସ୍ଥାନାନ୍ତର ପାଇଁ ନୋଟିସ୍ ଦିଆଯିବ ବୋଲି ଅବକାରୀ ଅଧୀକ୍ଷକ ତେଜରାଜ ଜାନି ପ୍ରକାଶ କରିଛନ୍ତି।

# କୋରାପୁଟ ଜିଲ୍ଲାରେ ବିକ୍ରି ଚାଲିଛି ବିଷାକ୍ତ ଖାଦ୍ୟ : ପ୍ରଶାସନର ଚଢ଼ଉ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ଉପାନ୍ତ ଅଞ୍ଚଳର ହେଉ କି ସହର ସବୁଠାରେ ବିକ୍ରି ଚାଲିଛି ବିଷାକ୍ତ ଖାଦ୍ୟ। ବର୍ତ୍ତମାନ ବର୍ଷା ଦିନ ଜାରି ରହିଥିବା ବେଳେ ପ୍ରଶାସନ ତୁରନ୍ତ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ପରିସ୍ଥିତି ଅଣାୟତ ହେବା ଆଶଙ୍କା ଦେଖାଯାଇଛି। କୋରାପୁଟ ଜିଲ୍ଲାର ଲମତାପୁଟ, ନନ୍ଦପୁର, କୋରାପୁଟ, ସେମିଳିଗୁଡ଼ା, ଜୟପୁର, ଲକ୍ଷ୍ମୀପୁର, ବୋରିଗୁମ୍ମା, କୋଟପାଡ଼ ମୁଖ୍ୟ ବଜାରଠୁ ଆରମ୍ଭ କରି ପ୍ରତି ଗାଁର ଗଳି କନ୍ଦିରେ ଖୋଲାଖୋଲି ବିକ୍ରି ହେଉଛି ବିଷାକ୍ତ ଖାଦ୍ୟ। ପୋଡ଼ା ତେଲରେ ୧୦ ଥର ଗରମ କରି ପକୋଡ଼ି, ବରା, ସିଙ୍ଗଡ଼ା, କାକରା, ଆଳୁଚପ୍ ଛାଣୁଛନ୍ତି ଯାହାକି ବିଷାକ୍ତ ଖାଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଖାଇ ଲୋକେ କ୍ୟାନସର ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବାସିଖାଦ୍ୟ, ରଙ୍ଗମିଶା ଚାଉମିନ୍, ଚାଟ, ଦହିବରା ଆଳୁଦମ୍, ଅପମିଶ୍ରିତ ଟିଫିନ୍ ଲୋକଙ୍କ ପେଟରେ ଯେମିତି ବିଷ ଭର୍ତ୍ତି ହୋଇଯାଉଛି। ଆଉ ଖାଦ୍ୟ ନିରାପତ୍ତା ବିଭାଗ ଯେମିତି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି। ସୂଚନା ମୁତାବକ, କୋରାପୁଟ ଜିଲ୍ଲାର ମୁଖ୍ୟ ବଜାର ହେଉ କି ଗ୍ରାମାଞ୍ଚଳର ଅଧିକାଂଶ ମିଷ୍ଟାନ୍ନ ଦୋକାନରେ ପୂର୍ବଦିନର ବାସି ବରା, ଆଳୁଚପ୍‌କୁ ରାତିରେ ଫ୍ରିଜ୍‌ରେ ରଖି ପୁନର୍ବାର ପୋଡ଼ା ତେଲ ଛାଣି ବିକ୍ରି କରୁଛନ୍ତି। ରସଗୋଲା, ଛେନାଗଜା ସହ ମିଠା ସାମଗ୍ରୀକୁ ପୁନର୍ବାର ସିରାରେ ଫୁଟାଇ ନୂଆ ନାଁରେ ବିକ୍ରି ହେଉଛି। ଫାଷ୍ଟଫୁଡ୍ ଦୋକାନୀମାନେ ୧୦ ଟଙ୍କିଆ ଟେକ୍ସଟାଇଲ୍ ରଙ୍ଗ ମିଶାଇ ଖାଦ୍ୟକୁ ଆକର୍ଷଣୀୟ କରୁଛନ୍ତି। ନିମ୍ନମାନର ଟମାଟୋ ଓ ଚିଲ୍ଲି ସସ୍ ଗ୍ରାହକଙ୍କୁ ଦେଉଛନ୍ତି। ପୋଡ଼ାତେଲରୁ ବାହାରୁଥିବା ବିଷାକ୍ତ ଧୂଆଁ ଲୋକଙ୍କ ଫୁସଫୁସ୍ ନଷ୍ଟ କରୁଛି। ଫଳରେ ଗ୍ୟାଷ୍ଟ୍ରିକ୍, ଲିଭର ଡ୍ୟାମେଜ୍, କିଡନୀ ଫେଲ୍ ହୋଇ ହସ୍ପିଟାଲରେ ଲାଇନ୍ ଲାଗୁଛି, କିନ୍ତୁ ମୂଳ କାରଣ ଉପରେ କାହାର ଦୃଷ୍ଟି ପଡୁ ନାହିଁ। ଗତ ବର୍ଷ ରଥଯାତ୍ରା ସମୟରେ ଖାଦ୍ୟ ନିରାପତ୍ତା ଅଧିକାରୀ ଥରେ ଚଢଉ କରି ନିଜ ଦାୟିତ୍ୱ ସାରିଦେଲେ। ତାହା ପରଠୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଦୋକାନ ସିଲ୍ ହେଲାନି, ଗୋଟିଏ ବି ଜରିମାନା ହେଲାନି। ଫଳରେ ଅସାଧୁ ବ୍ୟବସାୟୀଙ୍କ ସଂଖ୍ୟା ଆକାଶ ଛୁଇଁଲାଣି। ଲାଇସେନ୍ସ ନାହିଁ, ସ୍ୱଚ୍ଛତା ନାହିଁ, ନିୟମ ନାହିଁ କେବଳ ଲୋଭ ଓ ଲାଞ୍ଚର ଖେଳ। ଧୂଳି ଉଡୁଥିବା ରାସ୍ତା କଡ଼ରେ ଖୋଲା ଡେକ୍ଚିରେ ମିଷ୍ଟାନ୍ନ ତିଆରି ହେଉଛି। ମାଛି ବସୁଛି, କୁକୁର ଶୁଙ୍ଘୁଛି ଓ ଚାଟୁଛି, ଆଉ ମଣିଷ ଖାଉଛି। ଆଉ କେତେ ଜୀବନ ଗଲେ ଖାଦ୍ୟ ନିରାପତ୍ତା ବିଭାଗର ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇବ। ତେଣୁ ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ସାଧରଣରେ ଦାବି ହୋଇଛି। ଏହା ସହ ଏହି ବିଷାକ୍ତ ଖାଦ୍ୟ ସହ ଦର ଦାମ ବି କମ୍ ନୁହଁ। ବରା ଗୋଟାକୁ ୧୦ ଟଙ୍କା, ସିଙ୍ଗଡା ୧୦ ଟଙ୍କା, ଆଳୁଚପ ୧୦ ଟଙ୍କାରେ ବିକ୍ରି କରୁଛନ୍ତି। ପ୍ରଶ୍ନ କଲେ ଏହା ସଂଘର ନିଷ୍ପତ୍ତି ବୋଲି ଉତର ମିଳୁଛି। ରାସ୍ତା କଡ଼ର ଦୋକାନ ଜିଏସଟି ନାହିଁ କି ଟ୍ୟାକ୍ସ ନାହିଁ ସ୍ପଷ୍ଟ ଦିବା ଲୋକରେ ଚାଲିଛି ଲୁଟ୍। ତେଣୁ ଜିଲ୍ଲା ପ୍ରଶାସନ ନିୟମିତ ବ୍ୟବଧାନରେ ଚଢଉ କରିବାକୁ ଜିଲାବାସୀ ଦାବି କରିଛନ୍ତି।

# ୧୨ ଗାଁରେ ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

## ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ



**ଝରିଗାଁ, ନ୍ୟୁଜ୍ ବ୍ୟୁରୋ**

ମଦ ବିରୋଧରେ ମହିଳାଙ୍କ ମହାମେଳି। ବେଆଇନ ମଦ ରନ୍ଧା ଏବଂ ବିକ୍ରି ବନ୍ଦ ପାଇଁ ଏକାଠି ହେଲେ ୧୨ଟି ଗ୍ରାମର ମହିଳା। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏବେ ବେଆଇନ ଭାବେ ଦେଶୀ ମଦ ରନ୍ଧା ସହ ବିକ୍ରି ଚାଲିଛି। ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏ ନେଇ ଅଞ୍ଚଳର ମହିଳାମାନେ ଅତିଷ୍ଠ ହୋଇ ମଦ ବିକ୍ରି ବନ୍ଦ କରିବାକୁ ଆଗକୁ ଆସିଲେଣି। ଏହି ବ୍ଲକ୍ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରାୟତଃ ସବୁ ଗାଁରେ ଦେଶୀ ଓ ବିଦେଶୀ ମଦ ଅବାଧରେ ବିକ୍ରି ହେଉଛି, ଛୋଟ ନାବାଳକ ପିଲାଙ୍କଠାରୁ ବୃଦ୍ଧମାନେ ମଦ ପିଇ ଅନେକ ଅସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବାବେଳେ ବହୁ ଧନଜୀବନ ନଷ୍ଟ ହୋଇଛି। ମଦ ଯୋଗୁ ଅନେକ ପରିବାର ବେସାହାରା ହୋଇ ପଡ଼ିଛନ୍ତି। ଅନେକ ସମୟରେ ପରିବାର ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ସହିତ ଅଶାନ୍ତି ଦେଖାଦେଇଛି। ଏଣୁ ମଦ ବନ୍ଦ କରିବା ପାଇଁ ମହିଳାମାନେ ଏକତ୍ରିତ ହୋଇ ଅଣ୍ଟା ଭିଡ଼ିଛନ୍ତି। ପଞ୍ଚାୟତର ପାଲିଆ, ଟିପାଗୁଡ଼ା, ଆମ୍ଲିଝରି, ଚେପ୍ଟିଆମଓ୍ୱା, ସଲାଗୁଡ଼ା, ପଲୁଗୁଡା, କୋକଡାକନାଡ଼ି, ବାସୁଦେବଗଡ଼ା, ପୂଜାରୀଗୁଡ଼ା, କନ୍ଧଗୁଡ଼ା, ମୋତିବନ୍ଧଗୁଡ଼ା ଏବଂ ସତିଘାଟଗୁଡ଼ା ଆଦି ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ ଶତାଧିକ ମହିଳା ଝରିଗାଁ ଥାନାକୁ ଆସି ଥାନାଧିକାରୀ ରଚିତା ମାଡକାମୀଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଆଇନକୁ ହାତକୁ ନ ନେଇ ପୋଲିସକୁ ସହଯୋଗ କଲେ ବେଆଇନ ମଦ କାରବାର କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ।

# ସାହିତ୍ୟିକ, ଗବେଷକ ରତ୍ନାକର ମହାନ୍ତଙ୍କ ରଚିତ 'ଜୁଆଙ୍ଗ ଜୀବନ ଚରିତ' ପୁସ୍ତକ ଉନ୍ମୋଚିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଗୋନାସିକା ଗ୍ରାମପଞ୍ଚାୟତସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଶିକ୍ଷାନିକେତନ), ଗୋନାସିକା ପରିସରରେ କବି ସାହିତ୍ୟିକ ତଥା ଗବେଷକ ରତ୍ନାକର ମହାନ୍ତଙ୍କ ରଚିତ 'ଜୁଆଙ୍ଗ ଜୀବନ ଚରିତ' ପୁସ୍ତକର ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବିକାଶ ମଞ୍ଚ, ଜୁଙ୍ଗା ଗ୍ରାମପଞ୍ଚାୟତ, କେନ୍ଦୁଝର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାରୋହରେ ଅବସରପ୍ରାପ୍ତ ବାଣିଜ୍ୟକର ଅଧିକାରୀ ରୁଦ୍ରସେନ୍ ଜୀତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାହିତ୍ୟିକ ତଥା ସଭାପତି ମିଳନୀ ସାହିତ୍ୟ ସଂସଦ ଦେବାଶିଷ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବଟକୃଷ୍ଣ ଦେହୁରୀ ଅବସର ପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଷ୍ଟୀଲ ଓ ମାଇନସ ଓଡିଶା ସରକାର ସ୍ୱତନ୍ତ୍ର ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଗାଳ୍ପିକ ଡ. ଅନିଲ କୁମାର ଦାସ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୋଗଦେଇଥିଲେ। ପୁସ୍ତକ ସମୀକ୍ଷକ ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଓଡ଼ିଆ ଧରଣୀଧର ବିଶ୍ୱବିଦ୍ୟାଳୟ କେନ୍ଦୁଝର ସୁଧାକର ଦାଶ, ଶିଶିର ଭୂଷଣ ରାୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଇସୁଆଁ ହାଇସ୍କୁଲ, ପ୍ରଦୀପ୍ତା କୁମାରୀ ବ୍ରହ୍ମ ଅଧ୍ୟକ୍ଷା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋନାସିକା, ଇନ୍ଦୁମତୀ ପାତ୍ର ଅବସର ପ୍ରାପ୍ତ ଘୋଷିକା ଆକାଶବାଣୀ, କେନ୍ଦୁଝର ତଥା ସମ୍ପାଦକ ଲେଖିକା ସଂସଦ, କେନ୍ଦୁଝର, ଉମ୍ବରୁଧର ମହାନ୍ତ ସମ୍ପାଦକ ସଞ୍ଜିବନୀ ସାହିତ୍ୟ ସଂସଦ ଓ ଖଣ୍ଡାଧାର ନିଉଜ୍ ର ପରିଚାଳନା ସମ୍ପାଦକ, ଜୁଆଙ୍ଗ ଜନଜାତି ବର୍ଗର ପ୍ରଥମ ଗ୍ରାଜୁଏଟ୍ ଶ୍ରୀକାନ୍ତ ଜୁଆଙ୍ଗ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୀର୍ଥକ୍ଷନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ଗବେଷକ ରତ୍ନାକର ମହାନ୍ତ ପୁସ୍ତକ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜୁଆଙ୍ଗ ଜନଜାତିର ଭାଷା ଓ ସଂସ୍କୃତିର ସୁରକ୍ଷା ସହ ଏହାର ପ୍ରସାର ଉପରେ ଆଲୋଚନା କରାଯାଇଥିଲା। ଜୁଆଙ୍ଗ ସମାଜର ପାରମ୍ପରିକ ଜୀବନଧାରା, ସଂସ୍କୃତି, ଐତିହ୍ୟ ଓ ସାମାଜିକ ଚିତ୍ରକୁ ଲିପିବଦ୍ଧ କରିବାରେ 'ଜୁଆଙ୍ଗ ଜୀବନ ଚରିତ' ପୁସ୍ତକ ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମତ ପ୍ରକାଶ ପାଇଥିଲା। ଦିନକୁ ଦିନ ଲୁପ୍ତପ୍ରାୟ ହେଉଥିବା ଜୁଆଙ୍ଗ ଭାଷା ଓ ସଂସ୍କୃତିକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବକ୍ତାମାନେ କହିଥିଲେ, ଭାଷା ଓ ଲିପି ହେଉଛି ଗୋଟିଏ ସମାଜର ପରିଚୟର ମୁଖ୍ୟ ଆଧାର। ଏହାର ସୁରକ୍ଷା ନହେଲେ ଜନଜାତି ସମାଜର ଅନେକ ପାରମ୍ପରିକ ଜ୍ଞାନ, ରୀତିନୀତି ଓ ସାଂସ୍କୃତିକ ମୂଲ୍ୟବୋଧ ଧୀରେ ଧୀରେ ହଜିଯିବାର ଆଶଙ୍କା ରହିଛି। ତେଣୁ ଜୁଆଙ୍ଗ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ସଭା ପରିଚାଳନା ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହୃଷିକେଶ ବାରିକ କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। ଆଞ୍ଚଳିକ ବିକାଶ ମଞ୍ଚ, ଜୁଙ୍ଗା ଗ୍ରାମପଞ୍ଚାୟତର ସମ୍ପାଦକ ମନୋଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକ ଉନ୍ମୋଚନ ସମାରୋହରେ ଜୁଆଙ୍ଗ ସମାଜର ବରିଷ୍ଠ ନେତୃମଣ୍ଡଳୀ, ଛାତ୍ରଛାତ୍ରୀ, ସାମ୍ବାଦିକ ଓ ସଂସ୍କୃତି ଗବେଷକ, ସାହିତ୍ୟିକ କବି ଉପସ୍ଥିତ ଥିଲେ। ଜୁଆଙ୍ଗ ସମାଜର ଭାଷା, ଐତିହ୍ୟ ଓ ସଂସ୍କୃତିକୁ ସଂରକ୍ଷଣ କରିବା ଦିଗରେ ଏହି ପୁସ୍ତକ ଉନ୍ମୋଚନ ଏକ ସାର୍ଥକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଗଣେଶ୍ୱର ମହାନ୍ତ, ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ହୃଦାନନ୍ଦ ମହାନ୍ତ ହାଡ଼ିବନ୍ଧୁ ମହାନ୍ତ ପ୍ରେମାନନ୍ଦ ମହାନ୍ତ ପୂର୍ଣ୍ଣ ଜୁଆଙ୍ଗ ପ୍ରମୁଖ ପରିଚାଳନା କରିଥିଲେ।

# ଡ୍ରେନ୍ ଅବ୍ୟବସ୍ଥା : ଶୀଘ୍ର ସମାଧାନ ପାଇଁ ଦାବି କଲେ ସ୍ଥାନୀୟ ବାସିନ୍ଦା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ପୌର ପରିଷଦ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ଏବଂ କକ୍ସ କଲୋନୀ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘଦିନ ଧରି ଡ୍ରେନ୍ ଓ ନାଳନର୍ଦ୍ଦମା ସଫେଇ କରାଯାଉ ନଥିବାରୁ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍ ଗୁଡ଼ିକରେ ବର୍ଜ୍ୟବସ୍ତୁ ଜମି ରହିବା ସହ ପାଣି ଜମି ରହୁଥିବାରୁ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏଥିସହ ମଶାମାଛିଙ୍କ ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇଛି। ଫଳରେ ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ବ୍ୟାପିବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଏହି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକେ ମଧ୍ୟ ନାହିଁ ନଥିବା ହଇରାଣ ହେଉଛନ୍ତି। ବିଶେଷକରି ବର୍ଷାଦିନରେ ଡ୍ରେନ୍‌ରେ ପାଣି ଜମି ରହିବାରୁ ସମସ୍ୟା ଆହୁରି ଗୁରୁତର ହୋଇପଡୁଛି।

ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମାଜସେବୀ ଦେବାନନ୍ଦ ବାରିକ, ସଂକୀର୍ତ୍ତନ ପ୍ରଧାନ ଓ ବଳିଆ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଡ୍ରେନ୍ ସଫେଇ ସହ ନିୟମିତ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ, ଏହି ସମସ୍ୟା ସମ୍ପର୍କରେ ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନଥିଲା। ସ୍ଥାନୀୟ ବାସିନ୍ଦା ମଧ୍ୟ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

# ଅବ୍ୟବସ୍ଥା ବଳୟରେ ଧାମନଗର ସାନ ବଜାର ରାସ୍ତା



**ଧାମନଗର,ନ୍ୟୁଜ୍‌ବ୍ୟୁରୋ**

ସାନ ବଜାର ମୁଖ୍ୟ ରାସ୍ତା ଏବେ ଜଳବନ୍ଦୀ ସମସ୍ୟାର ଏକ କରୁଣ ଚିତ୍ର। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା ଉପରେ ପାଣି ଜମିରହି ଲହଡ଼ି ମାରୁଛି, ଯାହାଫଳରେ ସାଧାରଣ ଜନତା ଓ ଯାତ୍ରୀମାନେ ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସରକାରୀ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ ଜନସାଧାରଣଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ପ୍ରାୟ ଦୁଇ ବର୍ଷ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା କଡ଼ରେ ଜଳ ନିଷ୍କାସନ ପାଇଁ ଏକ ଡ୍ରେନ୍ ନିର୍ମାଣ କରାଯାଇଥିଲା। କିନ୍ତୁ ନିର୍ମାଣ କାମରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଥିଲା। ଫଳରେ ନିର୍ମାଣର କିଛି ଦିନ ନ ପୂରୁଣୁ ଡ୍ରେନ୍‌ଟି ବିଭିନ୍ନ ସ୍ଥାନରେ ଭାଙ୍ଗି ଏବଂ ପୋତି ହୋଇଯାଇଥିଲା। ଏହାର କୁପରିଣାମ ସ୍ୱରୂପ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ ଏବଂ ପାଣି ସିଧାସଳଖ ରାସ୍ତା ଉପରେ ଜମିରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଭଙ୍ଗା ଡ୍ରେନ୍ ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି। ଏହି ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଶ୍ରୀନିବାସ ମଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ ଡ୍ରେନ୍‌ଟି ବହୁ ଆଗରୁ ନିର୍ମାଣ ହୋଇଥିଲା ଏବଂ ଭବିଷ୍ୟତରେ ରାସ୍ତା ସମ୍ପ୍ରସାରଣ ହେଲେ ନୂତନ ଡ୍ରେନ୍ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯିବ। ତୁରନ୍ତ ଏହି ଡ୍ରେନ୍ ମରାମତି କରାଯାଇ ଜଳ ନିଷ୍କାସନର ସୁବ୍ୟବସ୍ଥା ନକଲେ ଆଗାମୀ ଦିନରେ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ପ୍ରକାଶଥାଉ କି ଉକ୍ତ ରାସ୍ତାଟି ଏକ ଜନଗହଳିପୂର୍ଣ୍ଣ ରାସ୍ତା ଦୈନିକ ଶହ ଶହ ଲୋକଙ୍କ ଯାତାୟାତ ସ୍ଥଳ, ଏବେ ପିର ବାବାଙ୍କ ବାର୍ଷିକ ଉତ୍ସବ ହେବ ପ୍ରାୟ ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶ ହେବ, ନିକଟରେ ମଧ୍ୟ ଦୁର୍ଗା ପୂଜା ଏଠି ପ୍ରବଳ ଜନ ସମାଗମ ହେବ। ଏଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ନାନା ସମସ୍ୟାରେ ଛନ୍ଦି ହୋଇଛି ବରି ହାଇସ୍କୁଲ : ମଧ୍ୟାହ୍ନଭୋଜନ ଅର୍ଥରେ କିଣାଯାଉଛି ଚକ୍‌ଖଡ଼ି

**ସିମୁଳିଆ, ନ୍ୟୁଜ୍ ବ୍ୟୁରୋ**

୨୦୨୪-୨୫ ଶିକ୍ଷାବର୍ଷରୁ ବାଲେଶ୍ୱର ଜିଲ୍ଲାରେ ପ୍ରଥମ ପିଏମ୍‌ଶ୍ରୀ ବିଦ୍ୟାଳୟର ମାନ୍ୟତା ପାଇଥିବା ସିମୁଳିଆ ବ୍ଲକର ବରି ହାଇସ୍କୁଲ ନାନା ସମସ୍ୟା ମଧ୍ୟରେ ଛନ୍ଦି ହୋଇରହିଛି। ବିଶେଷକରି ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିବା ଓ ପରିଚାଳନା କମିଟି ଗଠନ ନ ହେବାଯୋଗୁ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥିତ ହୋଇପାରୁନାହିଁ। ସମସ୍ୟା ଦୂର ହେବା ତ ପର କଥା, ଚକ୍‌ଖଡି କିଣିବା ପାଇଁ ମଧ୍ୟାହ୍ନଭୋଜନ ଅର୍ଥ ଉପରେ ନିର୍ଭର କରିବାକୁ ପଡୁଛି। ସରକାରଙ୍କ ନିୟମ ଅନୁସାରେ ପିଏମ୍‌ଶ୍ରୀ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ବିନା ବିଦ୍ୟାଳୟ ପରିଚାଳନା ପାଇଁ କୌଣସି ଟଙ୍କା ଆକାଉଣ୍ଟରୁ ଉଠାଯାଇ ପାରିବନାହିଁ, ଯାହାକି ବର୍ତ୍ତମାନ ପିଲାମାନଙ୍କ ପାଇଁ ସମସ୍ୟା ପାଲଟିଛି।

୧୯୬୭ରେ ବରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବଙ୍କିମ ଚନ୍ଦ୍ର ମହାରଣା, ଡ. ସୁଦର୍ଶନ ପଟ୍ଟନାୟକ, ସ୍ୱର୍ଗତ ଗଗନ ବିହାରୀ ପଟ୍ଟନାୟକଙ୍କ ସମେତ ସ୍ଥାନୀୟବାସିନ୍ଦାଙ୍କ ପ୍ରଚେଷ୍ଟାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପୂର୍ବରୁ ୧୯୫୮ରେ ପ୍ରତିଷ୍ଠିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ସରକାରଙ୍କ ମିଶ୍ରଣ ଯୋଜନାରେ ଗତ ୨୦୧୭ରୁ ଦୁଇଟି ବିଦ୍ୟାଳୟ ମିଶି ଗୋଟିଏ ହତା ମଧ୍ୟରେ ପରିଚାଳିତ ହେଉଛି। ବର୍ତ୍ତମାନ ଶିଶୁବାଟିକାରୁ ଦଶମଶ୍ରେଣୀ ମଧ୍ୟରେ ୨୫୯ ଛାତ୍ରୀ ଓ ୩୭୪ ଛାତ୍ରଙ୍କୁ ମିଶାଇ ମୋଟ ୬୩୩ଜଣ ଶିକ୍ଷାର୍ଥୀ ପାଠ ପଢୁଛନ୍ତି। ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ୫ ଶିକ୍ଷୟିତ୍ରୀ ଓ ୪ ଶିକ୍ଷକ ଅଛନ୍ତି, ଯାହାକି ଆବଶ୍ୟକ ସଂଖ୍ୟାଠାରୁ ୩ କମ୍। ଅଧିକ ପିଲା ଯୋଗୁ ଆବଶ୍ୟକ ଶ୍ରେଣୀଗୃହ ଅଭାବ ଥିବାରୁ ଗୋଟିଏ କକ୍ଷରେ ୨ଟି ଶ୍ରେଣୀର ପିଲା ବସୁଛନ୍ତି। ୧୩ଟି ଶ୍ରେଣୀ ଗୃହ ଆବଶ୍ୟକ ଥିବା ସ୍ଥଳେ ବର୍ତ୍ତମାନ ୭ଟି ଗୃହ ଅଛି। ଗୃହ ଅଭାବ ଯୋଗୁ ଶ୍ରେଣୀ ପଛପଟେ ଓ ଥାକରେ ଜିନିଷପତ୍ର ଲଦାଯାଇ ରଖାଯାଇଛି। ପିଲାମାନଙ୍କ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ଥିବା ଆଜବେଷ୍ଟସ ରୋଷେଇ ଗୃହର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ବର୍ଷା ହେଲେ ଚୁଲିରେ ପାଣି ପଶିଯାଉଛି। ଏତେସଂଖ୍ୟକ ପିଲାଙ୍କ ପାଇଁ ଖାଦ୍ୟ ଯୋଗାଇବା ଲାଗି ୪ଥର ରୋଷେଇ କରାଯାଉଛି। ପିଲାମାନେ ବସିବା ପାଇଁ ଜାଗା ନ ଥିବାରୁ ବିଦ୍ୟାଳୟ ବାରଣ୍ଡା ଓ ବାହାରେ ବୁଲି ବୁଲି ପିଲାମାନେ ଖାଦ୍ୟ ଖାଉଥିବା ଶିକ୍ଷକ ଗଙ୍ଗାଧର ଶିଅଳ ସୂଚନା ଦେଇଛନ୍ତି।



ପିଲାମାନଙ୍କ ପାଇଁ ଖେଳପଡିଆ ମଧ୍ୟ ନାହିଁ। ପଡ଼ିଆ ଜବରଦଖଲ ହେବା ସମ୍ପର୍କରେ ପ୍ରାକ୍ତନ ଛାତ୍ର ତଥା ସ୍ଥାନୀୟ ସରପଞ୍ଚ ବିମଳଲୋଚନ ଲେଙ୍କା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଗତ ୫ମାସ ପୂର୍ବରୁ ଏହାର ତଦନ୍ତ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପିଲାମାନଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ଓ ପ୍ରାର୍ଥନା ପଡ଼ିଆଟିଏ ନ ଥିବା ଶିକ୍ଷୟିତ୍ରୀ ରଶ୍ମିରେଖା ଦାସ କହିଛନ୍ତି।

ମୋ ସ୍କୁଲ ଯୋଜନାରେ ପୁରାତନ ଛାତ୍ରମାନେ ୨୦ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସରକାର ଦୁଇଗୁଣା ଟଙ୍କା ପ୍ରଦାନ କରିବା ପରେ ମୋଟ ୬୦ଲକ୍ଷ ଟଙ୍କାରେ ବିଦ୍ୟାଳୟର ଉନ୍ନତୀକରଣ ହୋଇଥିଲା। ଏଥିଯୋଗୁ ୨୦୨୩ରେ ପୁରାତନ ଛାତ୍ରମାନଙ୍କ ସହଯୋଗ ଓ ଉଦ୍ୟମରେ ଏହି ବିଦ୍ୟାଳୟ ସମଗ୍ର ରାଜ୍ୟରେ ୧ନଂ. ହେବା ଯୋଗୁ ମୁଖ୍ୟମନ୍ତ୍ରୀ ୧ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ବାଲେଶ୍ୱର ଜିଲାରେ ବରି ହାଇସ୍କୁଲ ସର୍ବଶ୍ରେଷ୍ଠ ବିଦ୍ୟାଳୟ ପାଇଁ ୩ଲକ୍ଷ ଟଙ୍କା ମଧ୍ୟ ପୁରସ୍କାର ପାଇଥିଲା। ପୁରାତନ ଛାତ୍ରମାନଙ୍କ ଦ୍ୱାରା ବଙ୍କିମ ଚନ୍ଦ୍ର ପାଠାଗାର ଓ ବିଜ୍ଞାନ ଲାବ୍ ନିର୍ମାଣ କରାଯାଇଛି। ଗତ ୧୩।୯।୨୦୨୦ରୁ ୩୦।୪।୨୦୨୫ ପର୍ଯ୍ୟନ୍ତ ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଚିତ୍ତରଞ୍ଜନ ମହାନ୍ତି ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲେ। ପରେ ସ୍ଥାନୀୟ ବରି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ଦାସଙ୍କୁ ଏହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି। ତେବେ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ବିଭିନ୍ନ କାରଣରୁ ବିଦ୍ୟାଳୟ ପରିଚାଳନା କମିଟି ୨୫।୧୧।୨୫ରୁ ଗଠନ ହୋଇପାରିନାହିଁ। କମିଟି ସଭାପତି ନ ଥିବାରୁ ପ୍ରାୟ ୧୦ଲକ୍ଷ ଟଙ୍କାର ଅନୁଦାନ ମଧ୍ୟ ଫେରିଯାଇଛି। ଛାତ୍ରୀଛାତ୍ରମାନଙ୍କ ପାଇଁ ଆବଶ୍ୟକ ଶୌଚାଳୟ ନାହିଁ। ପୂର୍ବରୁ ୫-ଟି ଯୋଜନାରେ ୪୫ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ପରେ ପିଏମ୍‌ଶ୍ରୀ ଯୋଜନାରେ ୧କୋଟି ଟଙ୍କା ବ୍ୟୟ ହୋଇଛି। ବିଦ୍ୟାଳୟ ପରିସର ଅନାବନା ବଣଜଙ୍ଗଲ ସହିତ ଅଳିଆ ଆବର୍ଜନା ପଡିରହିଥିବା ଅଭିଭାବକମାନେ ସୂଚନା ଦେଇଛନ୍ତି। ଆସନ୍ତା ୨୦୨୭ରେ ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ପର୍ବ ଚାଲିଥିବାବେଳେ ବର୍ତ୍ତମାନ ବିଦ୍ୟାଳୟର ପରିଚାଳନା ଛାତ୍ରୀଛାତ୍ର ଓ ଅନୁଷ୍ଠାନର ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯାଉଛି। ପିଏମ୍‌ଶ୍ରୀ ବରି ହାଇସ୍କୁଲର ପୂର୍ବତନ ସଭାପତି ନରେନ୍ଦ୍ର କୁମାର ମହାକୁଡ଼ଙ୍କ ମତାମତ ନେବାରୁ ସେ କହିଥିଲେ, ସଭାପତି ଥିବା ବେଳେ ସେ ପୁରାତନ ଛାତ୍ର ମାନଙ୍କ ପରାମର୍ଶରେ ସବୁକିଛି କରୁଥିଲେ। ତେଣୁ କୌଣସି ବିବାଦ କିମ୍ବା ବିଶୃଙ୍ଖଳା ସୃଷ୍ଟି ହୋଇ ନ ଥିଲା। ତେବେ ବର୍ତ୍ତମାନ ରାଜନୈତିକ ଦଳକୁ ପ୍ରାଧାନ୍ୟ ଦେଇ ଟଣାଓଟରା ଚାଲିଥିବା ଯୋଗୁ କମିଟି ଗଠନ ହୋଇ ପାରୁନାହିଁ। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ଡ. ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ବରି ହାଇସ୍କୁଲର କମିଟି ଗଠନ ହୋଇ ନ ପାରିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ତେବେ ସରକାରୀ ଅନୁଦାନ ଫେରି ନ ଯାଇ କିପରି କାର୍ଯ୍ୟକାରୀ ହୋଇପାରିବ ତାହାର ଯୋଜନା ଚାଲିଥିବା ସେ ସୂଚନା ଦେଇଛନ୍ତି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# କେନ୍ଦ୍ର ମନ୍ତ୍ରୀମଣ୍ଡଳ ଅଦଳବଦଳ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସପ୍ତାହରେ ମନ୍ତ୍ରୀମାନଙ୍କ ସହ ସ୍ୱତନ୍ତ୍ର ଚିନ୍ତନ ବୈଠକ କରିବେ । ଆସନ୍ତା ୨୩ ଓ ୨୪ ତାରିଖ ଦୁଇଦିନ ଧରି ଏହି ବୈଠକ ଚାଲିବ। ବୈଠକରେ ସରକାରଙ୍କ କାର୍ଯ୍ୟକଳାପ, ନୀତି ଓ ଯୋଜନାର କ୍ରିୟାନ୍ୱୟନ ଏବଂ ଭବିଷ୍ୟତରେ କେଉଁସବୁ ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ ତାହା ଉପରେ ବିଶେଷ ଭାବେ ଆଲୋଚନା କରାଯିବ । ଏହି ବୈଠକକୁ ଦୃଷ୍ଟିରେ ରଖି ରାଜନୈତିକ ମହଲରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । କିନ୍ତୁ ସରକାରଙ୍କ ତରଫରୁ ଏହା ଉପରେ କିଛି କୁହାଯାଇନାହିଁ । ରିପୋର୍ଟ ଅନୁସାରେ ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟ ସହ ସରକାରଙ୍କ କାର୍ଯ୍ୟର ମଧ୍ୟ ସମୀକ୍ଷା କରାଯିବ । ବିଶେଷକରି ବିଭିନ୍ନ ଯୋଜନା ଓ ନୀତିକୁ ତୃଣମୂଳ ସ୍ତରରେ ଲାଗୁ କରିବାର ଗତି, ସରକାରୀ ଯୋଜନାର ପ୍ରଗତି, ମନ୍ତ୍ରଣାଳୟ ଭିତରେ ଉତ୍ତମ ସମନ୍ୱୟ ଏବଂ ସାଧାରଣ ଲୋକଙ୍କ ପାଖରେ ସରକାରୀ ସୁବିଧା ସୁଯୋଗ ପହଞ୍ଚିବା ଭଳି ପ୍ରସଙ୍ଗରେ ଚର୍ଚ୍ଚା ହେବାର ସମ୍ଭାବନା ରହିଛି । ସାଧାରଣ କ୍ୟାବିନେଟ ବୈଠକ ଠାରୁ ଏହି ବୈଠକ ଭିନ୍ନ ହେବ । ବୈଠକରେ ମନ୍ତ୍ରୀମାନଙ୍କୁ ଭିନ୍ନ ଭିନ୍ନ ଗୋଷ୍ଠୀରେ ଭାଗ କରି ବିଭିନ୍ନ ବିଷୟ ଉପରେ ବିଚାରବିମର୍ଶ କରାଯାଇପାରେ । ଏଭଳି କେତେକ ମନ୍ତ୍ରୀଗୋଷ୍ଠୀ ଗଠନ କରାଯାଇଛି ଯେଉଁମାନେ ଶାସନ ବ୍ୟବସ୍ଥା, ସମ୍ବାଦ, ସୁଧାର ଏବଂ ସରକାରଙ୍କ କାର୍ଯ୍ୟକୁ ଆହୁରି ପ୍ରଭାବୀ କରିବା ଭଳି ପ୍ରସଙ୍ଗରେ ଚର୍ଚ୍ଚା କରିବେ । ବୈଠକରେ କିଛି ମନ୍ତ୍ରଣାଳୟ ପକ୍ଷରୁ ନିଜସ୍ୱ କାର୍ଯ୍ୟ ଓ ଉପଲବ୍ଧିକୁ ନେଇ ରିପୋର୍ଟ ପ୍ରଦାନ କରାଯିବାର ସମ୍ଭାବନା ରହିଛି । ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସ୍ଥିତି, ଏପର୍ଯ୍ୟନ୍ତ ହାସଲ କରାଯାଇଥିବା ଫଳାଫଳ ଏବଂ ଆଗାମୀ ଦିନରେ ପ୍ରାଥମିକତା ପାଇବାକୁ ଥିବା ପ୍ରସଙ୍ଗ ଉପରେ ବିଶେଷ ଭାବେ ଚର୍ଚ୍ଚା କରାଯିବ । ଏହି ଚିନ୍ତନ ବୈଠକର ବଡ ଉଦ୍ଦେଶ୍ୟ ହେଉଛି ନୀତି ନିର୍ମାଣ ପ୍ରକ୍ରିୟାକୁ ଅଧିକ ପ୍ରଭାବି ଓ ଫଳପ୍ରଦ କରିବା । ସରକାର ଏହା ଦେଖିବାକୁ ଚାହୁଁଛନ୍ତି ଯେ ନୀତି ପ୍ରସ୍ତୁତ ହେବା ପରେ ତାର ବାସ୍ତବ ରୂପାୟନ ତୃଣମୂଳ ସ୍ତରରେ କିଭଳି ହୋଇଛି । ଏଥିସହ ସମୟ ପରିଚାଳନା, ମନ୍ତ୍ରଣାଳୟ ଭିତରେ ସମନ୍ୱୟ, ଯୋଜନାର ତଦାରଖ ଏବଂ ଜନସେବାକୁ କିଭଳି ଉନ୍ନତ କରାଯାଇପାରିବ ତାହା ଉପରେ ମଧ୍ୟ ଆଲୋଚନା କରାଯିବ । ଅର୍ଥାତ ବୈଠକରେ କେବଳ ଅତୀତର କାର୍ଯ୍ୟକୁ ନେଇ ଆଲୋଚନା ହେବ ନାହିଁ । ଆଗାମୀ ଦିନରେ ସରକାରଙ୍କ କାର୍ଯ୍ୟ ଯୋଜନା ଉପରେ ବି ଚର୍ଚ୍ଚା କରାଯିବ । ଏହି ବୈଠକ ଏଭଳି ସମୟରେ ହେଉଛି ଯେତେବେଳେ ସରକାର ତାଙ୍କର ତୃତୀୟ ପାଳିର ଠିକ୍ ? ମଧ୍ୟଭାଗରେ ପହଞ୍ଚିଛନ୍ତି । ତେଣୁ ଅବଶିଷ୍ଟ ଅଧାଭାଗ ପାଇଁ ମନ୍ତ୍ରଣାଳୟର କାର୍ଯ୍ୟ ସ୍ଥିର କରିବା ଏବଂ ପ୍ରାଥମିକତା ପାଇବାକୁ ଥିବା ଯୋଜନା ଦୃଷ୍ଟିରୁ ଏହି ବୈଠକକୁ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉଛି । ବୈଠକରେ ପ୍ରାୟ ସମସ୍ତ ମନ୍ତ୍ରୀ ସାମିଲ ହେବାକୁ ଥିବାରୁ ଆଗାମୀ ଦିନରେ ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ଚର୍ଚ୍ଚା ହେଉଛି ।

# ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ



ବିଶ୍ୱବିଜୟୀ ଦାଶ
ପ୍ରତିଷ୍ଠାତା ସମ୍ପାଦକ
ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା
ଅଧ୍ୟାପକ , ରସାୟନ ବିଜ୍ଞାନ
ବିଭାଗ, ବାଲୁଗାଁ ମହାବିଦ୍ୟାଳୟ
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ -୬୩୭୦୨୦୮୪୨୮



ବିଶ୍ୱର ଚର୍ଚ୍ଚିତ ନେତା, ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ତଥା ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି। ଷାଠିଏ ଦଶକର ମଧ୍ୟ ଭାଗରେ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ନରେନ୍ଦ୍ର ମୋଦି ଜୀ କିଶୋର ଅବସ୍ଥାରେ ଥାଇ ସୁଦ୍ଧା ସେ ସ୍ୱେଚ୍ଛାକୃତ ଭାବରେ ରେଳ ଷ୍ଟେସନରେ ରହିଥିବା ସୈନିକମାନଙ୍କୁ ସେବା ଯୋଗାଇ ଦେଇଥିଲେ ଏବଂ ସେ ଛାତ୍ରାବସ୍ଥାରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସଭ୍ୟ ଥିଲେ। ଯୁବାବସ୍ଥାରେ ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରେ ଯୋଗଦେଇ ଭ୍ରଷ୍ଟାଚାର ବିରୋଧୀ ନବ ନିର୍ମାଣ ଆ।ନ୍ଦୋ।ଳନରେ ଭାଗନେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍), ଏକ ସାମାଜିକ- ସାଂସ୍କୃତିକ ସଂଗଠନରେ ସେ ଯୋଗ ଦେଇ ଭାରତର ସାମାଜିକ ତଥା ସାଂସ୍କୃତିକ ବିକାଶଧାରା ଉପରେ ବିଶେଷ ଗୁରୁତ୍ୱପ୍ରଦାନ କରିଥିଲେ ଓ ନିଜକୁ ନିସ୍ୱାର୍ଥପର, ସାମାଜିକ ଦାୟିତ୍ୱ ଓ ଜାତୀୟତାବୋଧ କାର୍ଯ୍ୟରେ ନିୟୋଜିତ କଲେ। ଆରଏସ୍ଏସରେ କାର୍ଯ୍ୟ କରୁଥିବା ସମୟରେ ନରେନ୍ଦ୍ର ମୋଦୀ ବିଭିନ୍ନ ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୧୯୮୭ ମସିହାରେ ସେ ବିଜେପିରେ ଯୋଗଦାନ କରି ତାଙ୍କର ମୁଖ୍ୟ ରାଜନୈତିକ ଜୀବନ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ଭାରତୀୟ ଜନତା ପାର୍ଟିର ଗୁଜରାଟ ୟୁନିଟ ଓ ରାଷ୍ଟ୍ରୀୟ ପଦପଦବୀରେ ରହି କାର୍ଯ୍ୟନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ନରେନ୍ଦ୍ର ମୋଦିଜୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେଇଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟରେ ସାମଗ୍ରିକ ଓ ସାମୟିକ ବିକାଶ ହୋଇଥିଲା। ୨୦୧୩ରେ ଗୁଜରାଟରେ ଏକ ବିଶାଳ ଶିଖର ସମ୍ମିଳନୀର ଆୟୋଜନରେ ବିଶ୍ୱର ୧୨୦ରୁ ଅଧିକ ଦେଶ ଭାଗ ନେବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା। ତୃଣମୂଳ ସ୍ତରରୁ ଆରମ୍ଭ କରି ରାଜନୀତିର ଏହି ଆହ୍ୱାନମୂଳକ ଯାତ୍ରା ପଥରେ ମୋଦି ନିଜର ଦୃଢ଼ ବ୍ୟକ୍ତିତ୍ୱ, ସେବା ପ୍ରତି ସମର୍ପଣ ମନୋଭାବ, ଆଦର୍ଶ ଚରିତ୍ର, ଧୈର୍ଯ୍ୟ ଓ ମନୋବଳର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନେକଙ୍କ ମନରେ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି।

୨୦୧୪ ସାଧାରଣ ନିର୍ବାଚନରେ ଏକକ ବହୁମତ ପରେ ମେ ୨୬ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିଥିଲେ।୨୦୧୪ ମେ ମାସରେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର ସାମଗ୍ରିକ ଏବଂ ସମନ୍ୱିତ ବିକାଶ ଯାତ୍ରା ଆରମ୍ଭ କରିଥିଲେ, ଯଦ୍ୱାରା ପ୍ରତ୍ୟେକ ଭାରତୀୟ ଯେଭଳି ସେମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିପାରିବେ, ଅନ୍ତ୍ୟୋଦୟ ନୀତିରେ ଗଭୀର ଭାବେ ପ୍ରଭାବିତ ଶ୍ରୀ ମୋଦୀ ଉନ୍ନତି ଅପେକ୍ଷାର ଧାଡ଼ିରେ ଥିବା ଶେଷ ବ୍ୟକ୍ତିଙ୍କୁ ସେବା ଯୋଗାଇ ଦେବାକୁ ସଂକଳ୍ପବଦ୍ଧ। ଅଭିନବ ଚିନ୍ତାଧାରା ଓ ଉଦ୍ୟମ ମାଧ୍ୟମରେ ସରକାର ଏକଥାକୁ ସୁନିଶ୍ଚିତ କରିଛନ୍ତି ଯେ ପ୍ରଗତିର ଚକ ଯେପରି ଦ୍ରୁତଗତିରେ ଆଗେଇ ଚାଲିବ ଏବଂ ବିକାଶର ସୁଫଳ ଦେଶର ପ୍ରତ୍ୟେକ ନାଗରିକଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ସରକାର ମୁକ୍ତ, ସହଜ ଓ ସ୍ୱଚ୍ଛ ହୋଇଛନ୍ତି।

ମୋଦୀ ସରକାର ଅଗଷ୍ଟ ୨୦୧୪ ରେ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ପାଇଁ ଏକ ଆର୍ଥିକ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଯୋଜନା ସମସ୍ତଙ୍କ ପାଇଁ ମୌଳିକ ବ୍ୟାଙ୍କସେବା ଯୋଗାଇଦେବା ଉଦ୍ଦେଶ୍ୟ ନେଇ ପ୍ରାରମ୍ଭ ହୋଇଥିଲା ଏବଂ ଏହାର ଉଦ୍ଦେଶ୍ୟ ଥିଲା ଶୂନ ରକ୍ଷଣାବେକ୍ଷଣ ପରିମାଣ, ଟଙ୍କା ଫେରସ୍ତ, ବୀମା ସେବା, ବ୍ୟାଙ୍କ ଆକାଉଣ୍ଟ, କ୍ରେଡିଟ୍ ଏବଂ ପେନ୍ସନ୍ ସହିତ ବ୍ୟାଙ୍କ ଆକାଉଣ୍ଟ ଭଳି ସୁଲଭ ଆର୍ଥିକ ସେବା ଉପଲବ୍ଧ କରାଇବା।

ସେପ୍ଟେମ୍ବର ୨୭, ୨୦୧୪ ରେ, ଜାତିସଂଘ ସାଧାରଣ ସଭାରେ ଭାଷଣ ଦେବା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ଯୋଗ ଦିବସ' ଅବସରରେ ପରାମର୍ଶ ଦେଇଥିଲେ। ସେବେଠାରୁ ଯୋଗ ଦିବସ ପ୍ରତିବର୍ଷ ୨୧ ଜୁନ୍‌ରେ ପାଳନ କରାଯାଏ। ଅକ୍ଟୋବର ୨୦୧୪ରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଆରମ୍ଭ କରିଥିଲେ। ସ୍ୱଚ୍ଛ ଭାରତ ଅଭିଯାନ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ପରିବେଶ ସଫାଇ ଅଭିଯାନ। ମେକ୍-ଇନ୍-ଇଣ୍ଡିଆ ପାଇଁ ତାଙ୍କର ଆହ୍ୱାନ ଦେଶରେ ବ୍ୟବସାୟ ପ୍ରକ୍ରିୟାକୁ ସହଜ ଓ ସରଳ କରିଛି। ଯଦ୍ୱାରା ନିବେଶକ ଓ ଉଦ୍ୟୋଗୀମାନେ ଅସୀମ ନୂତନ ଉତ୍ସାହ ଓ ଉଦ୍ଦୀପନାରେ ଏଥିରେ ସାମିଲ ହୋଇଛନ୍ତି। ସରକାରଙ୍କ "ଶ୍ରମ ଏବ ଜୟତେ" କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମ ଆଇନରେ ସଂସ୍କାର ଘଟାଯାଇଛି ଓ ଶ୍ରମିକମାନଙ୍କ ମର୍ଯ୍ୟାଦାର ସୁରକ୍ଷା କରାଯାଇଛି। ଏହାଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାର ଶ୍ରମିକମାନେ ସଶକ୍ତ ହୋଇଛନ୍ତି। ପୁନଶ୍ଚ ଆମର କୁଶଳୀ ଯୁବ ଶ୍ରମଶକ୍ତିଙ୍କୁ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି। ୨୦୧୫ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ "ଡିଜିଟାଲ ଇଣ୍ଡିଆ ଅଭିଯାନ" କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ଲୋକମାନଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଘଟାଇବା ସକାଶେ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ସକାଶେ ଡିଜିଟାଲ ଇଣ୍ଡିଆ ସୃଷ୍ଟି କରାଯାଇଛି।

ମୋଦୀଙ୍କ ବୈଦେଶିକ ନୀତି ପଦକ୍ଷେପ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତର ବାସ୍ତବ ସାମର୍ଥ୍ୟ ଏବଂ ଭୂମିକାକୁ ପ୍ରତିପାଦିତ ଓ ସାକାର କରିଛି। ଭାରତ ଏବେ ବିଶ୍ୱସ୍ତରରେ ନିଜର ସ୍ଥିତିକୁ ପ୍ରତିପାଦିତ କରିପାରିଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସାର୍କ ଦେଶର ସଦସ୍ୟ ରାଷ୍ଟ୍ରର ମୁଖ୍ୟଙ୍କ ଉପସ୍ଥିତିରେ ନିଜର ପଦଭାର ଗ୍ରହଣ କରିଥିଲେ। ମିଳିତ ଜାତିସଂଘର ସାଧାରଣ ପରିଷଦରେ ପ୍ରଧାନମନ୍ତ୍ରୀ ଦେଇଥିବା ଅଭିଭାଷଣକୁ ବିଶ୍ୱ ନେତୃବର୍ଗ ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ଦୀର୍ଘ ୧୭ବର୍ଷ ବ୍ୟବଧାନରେ ନେପାଳକୁ ଏବଂ ୨୮ ବର୍ଷ ବ୍ୟବଧାନରେ ଅଷ୍ଟ୍ରେଲିଆକୁ ଦ୍ୱିପାକ୍ଷିକ ଗସ୍ତରେ ଯାଇଥିଲେ । ସେହିଭଳି ଫିଜିକୁ ୩୧ ବର୍ଷ ବ୍ୟବଧାନରେ ଏବଂ ସିସିଲିକୁ ୩୪ ବର୍ଷ ବ୍ୟବଧାନରେ ଗସ୍ତ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବାପରେ ସେ ମିଳିତ ଜାତିସଂଘ, ବ୍ରିକ୍ସ, ସାର୍କ ଏବଂ ଜି-୨୦ ଶିଖର ସମ୍ମିଳନୀରେ ଯୋଗ ଦେଇଛନ୍ତି, ଯେଉଁଠାରେ ବିଶ୍ୱର ବିଭିନ୍ନ ଅର୍ଥନୈତିକ ଓ ରାଜନୈତିକ ପ୍ରସଙ୍ଗ ଉପରେ ଭାରତର ମତ ଓ ଯୁକ୍ତିକୁ ବ୍ୟାପକଭାବେ ପ୍ରଶଂସା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜାପାନ ଗସ୍ତ ଭାରତ-ଜାପାନ ସଂପର୍କରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି। ମଙ୍ଗୋଲିଆ ଗସ୍ତରେ ଯାତ୍ରା କରିବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ। ୨୦୧୫ ଅକ୍ଟୋବର ମାସରେ ନୂଆଦିଲ୍ଲୀଠାରେ ଆୟୋଜିତ ହୋଇଥିଲା ଭାରତ-ଆଫ୍ରିକା ଶିଖର ସମ୍ମିଳନୀ। ଯେଉଁଥିରେ ୫୪ଟି ଆଫ୍ରିକୀୟ ରାଷ୍ଟ୍ର ଅଂଶଗ୍ରହଣ କରିଥିଲେ।ଏହି ସମ୍ମିଳନୀରେ ୪୧ଟି ଆଫ୍ରିକୀୟ ରାଷ୍ଟ୍ରର ନେତୃବର୍ଗ ଯୋଗ ଦେଇଥିଲେ ଯେଉଁଥିରେ ଭାରତ-ଆଫ୍ରିକା ଘନିଷ୍ଠ ସଂପର୍କ ବୃଦ୍ଧି ଦିଗରେ ବ୍ୟାପକ ବିଚାରବିମର୍ଶ କରାଯାଇଥିଲା। ସ୍ୱୟଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ସମ୍ମିଳନୀକୁ ଆସିଥିବା ଅନେକ ଆଫ୍ରିକୀୟ ନେତୃବର୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ୨୦୧୫ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ପ୍ୟାରିସଠାରେ ଆୟୋଜିତ ବିଶ୍ୱ ଜଳବାୟୁ ସମ୍ମିଳନୀ ସିଓପି-୨୧ରେ ଯୋଗଦାନ କରିଥିଲେ। ସେଠାରେ ସେ ଅନ୍ୟ ବିଶ୍ୱ ନେତୃବର୍ଗଙ୍କ ସହ ମିଶି ଜଳବାୟୁ ପରିବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ୨୦୧୬ ଏପ୍ରିଲ ମାସରେ ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ ଆଣବିକ ସୁରକ୍ଷା ସମ୍ମିଳନୀରେ। ଏହି ସମ୍ମିଳନୀରେ ବିଶ୍ୱରେ ଏବେ ଆଣବିକ ନିରାପତ୍ତା ଘେନି ଏକ ସୁଦୃଢ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ସେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ। ସାଉଦି ଆରବ ଗସ୍ତରେ ଯାତ୍ରା କରିଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସେ ଦେଶର ସାହୀ ଶାସକ ଅବଦୁଲ ଅଜିଜ୍ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଥିଲେ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଆଜି ସମଗ୍ର ଦେଶରେ ମହିଳା ସଶକ୍ତିକରଣ ରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।କୋଭିଡ୍ ମହାମାରୀ ସମୟରେ ସାରା ବିଶ୍ୱର ଅନେକ ବିକଶିତ ଦେଶ ଏହି ମହାମାରୀକୁ ସାମ୍ନା କରିପାରିନଥିବା ବେଳେ ଭାରତ ପାରଦର୍ଶିତା ସହିତ କୋଭିଡ୍‌ର ମୁକାବିଲା କରିପାରିଥିଲା । ପ୍ରଥମ ଥର ପାଇଁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ କୋଭିଡ୍ ଟୀକା ପ୍ରସ୍ତୁତ କରିପାରିଥିଲା।୧୪୦କୋଟି ଜନସଂଖ୍ୟାର ଦେଶରେ ଟୀକାକରଣ ଅଭିଯାନ ସଫଳତାର ସହ ହୋଇପାରିଛି। ଆୟୁଷ୍ମାନ ଭାରତ ଯୋଜନାରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସହାୟତା। ଏତଦବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଆହୁରି ରହିଛି, ଯାହା ଫଳରେ ଜନସାଧାରଣ ଉପକୃତ ହେଉଛନ୍ତି। ମୋଦି ସରକାରଙ୍କ ଏହି ୧୦ ବର୍ଷ ଶାସନରେ ଦେଶରେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅନେକ ମାଇଲଖୁଂଟ ସ୍ଥାପିତ ହୋଇଛି। ଦେଶରେ ରେଳସେବାରେ ଆଧୁନିକରଣ, ନୂଆ ରେଳ ଲାଇନ ନିର୍ମାଣ, ରେଳ ଷ୍ଟେସନର ଆଧୁନିକରଣ ନୂଆ ଶିଖରକୁ ଛୁଇଁଛି। ଦେଶରେ ବନ୍ଦେ ଭାରତ ଟ୍ରେନ୍ ଚାଲୁ କରିବା, ନୂତନ ବିମାନ ବନ୍ଦର ନିର୍ମାଣ କରିବା, ନୂତନ ଜାତୀୟ ରାଜପଥ ନିର୍ମାଣ ଦିଗରେ ମୋଦି ସରକାର ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛନ୍ତି।

ସ୍ୱାସ୍ଥ୍ୟ ସେବା ବିକାଶ ଦିଗରେ ମୋଦି ଜୀ ଅନେକ ବଡ ପଦକ୍ଷେପ ନେଇଛନ୍ତି ଯଥା ନୂଆ ମେଡିକାଲ କଲେଜ ସ୍ଥାପନା,ଏମ୍ସ ସ୍ଥାପନା, ଏମବିବିଏସ୍ ସିଟ୍ ବୃଦ୍ଧି କରିଛନ୍ତି ଏବଂ ନୂଆ ଆଇଆଇଟି ଓ ନୂଆ ଆଇଆଇଏମ ମଧ୍ୟ ପ୍ରତିଷ୍ଠା ହୋଇଛି। ମୋଦି ସରକାର ଦେଶରେ ନୂଆ ଶିକ୍ଷା ନୀତି ସମେତ ଦେଶର ଅଖଣ୍ଡତା ପ୍ରତି ଆହ୍ୱାନ ସୃଷ୍ଟି କରିଥିବା ଧାରା ୩୭୦କୁ ଜାମ୍ମୁ କାଶ୍ମୀରରୁ ଉଚ୍ଛେଦ କରାଯାଇଛି। ଉତ୍ତର-ପୂର୍ବ ଭାରତ ବିକାଶକୁ ମୋଦି ସରକାର ପ୍ରାଥମିକତା ଦେଉଛନ୍ତି। ଆତଙ୍କବାଦ ବିରୋଧରେ କଠୋର ଆଭିମୁଖ୍ୟ ସହ ସେନାକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ସୀମାବର୍ତ୍ତୀ ଅଂଚଳରେ ରାସ୍ତା ଏବଂ ବ୍ରିଜ୍ ନିର୍ମାଣ ହୋଇଛି। ଜି-୨୦ ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସଂଗଠନରେ ଭାରତ ଅଧ୍ୟକ୍ଷତା କରିପାରିଛି ଯାହା ମୋଦିଙ୍କ ସରକାରଙ୍କର ନେତୃତ୍ୱର ବଳିଷ୍ଠ ପ୍ରମାଣ।ଜି ୨୦ ସମ୍ମିଳନୀ ର ସଫଳ ଆୟୋଜନ ଭାରତ ର? ଏକ ଐତିହାସିକ ଉପଲବ୍ଧି।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟି ଯୋଗୁ ଭାରତ ଆଜି ଏଭଳି ମର୍ଯ୍ୟାଦାଜନକ ସ୍ଥିତିରେ ପହଞ୍ଚି ପାରିଛି। ମନ୍ କି ବାତ୍ (ମନର କଥା) ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଦ୍ୱାରା ସଂଚାଳିତ ହେଉଥିବା ଏକ ରେଡ଼ିଓ କାର୍ଯ୍ୟକ୍ରମ ଯେଉଁଥିରେ ସେ ଆକାଶବାଣୀ ମାଧ୍ୟମରେ ସ୍ୱାଧୀନ ଭାବେ ଭାରତର ଜନସାଧାରଣଙ୍କୁ ସମ୍ବୋଧିତ କରିଥା'ନ୍ତି।ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରେରଣା ଦାୟୀ।ରାମ ମନ୍ଦିର ନିର୍ମାଣ,ତିନ ତଲାକ ଉଚ୍ଛେଦ,ନାଗରିକତା ସଂଶୋଧନ ଆଇନ, ସଂସ୍କୃତି,ଐତିହ୍ୟ ଓ ପରଂପରାକୁ ଗୁରୁତ୍ୱ, ଉଚ୍ଚ ବର୍ଗର ଆର୍ଥୀକ ଅନଗ୍ରସରଙ୍କୁ ୧୦% ସଂରକ୍ଷଣ ନିଷ୍ପତ୍ତି ପାଇଁ ମୋଦୀ ସରକାରଙ୍କ ଭୂମିକା ପ୍ରଶଂସନୀୟ। ସେହିପରି ମୋଦୀ ସରକାରରେ ଓଡିଆ ସମ୍ମାନିତ ଓ ଓଡିଶାବାସୀ ଗର୍ବିତ ହୋଇଛନ୍ତି। ୧୮୧୭ପାଇକ ବିଦ୍ରୋହକୁ ଜାତୀୟ ମାନ୍ୟତା ପ୍ରଦାନ ଓ ପାଠ୍ୟପୁସ୍ତକରେ ସାମିଲ,ପାଇକ ସ୍ମାରକୀର ଶିଳାନ୍ୟାସ ଏବଂ ୨୦୦ କୋଟି ଟଙ୍କା ପ୍ରଦାନ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ମୋଦି ସରକାରଙ୍କ ନୀତି ସବକା ସାଥ,ସବକା ବିକାଶ,ସବକା ବିଶ୍ୱାସ,ସବକା ପ୍ରୟାସ।ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ,ବିଶ୍ୱ ନେତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଶୁଭ ଜନ୍ମଦିନ ଅବସରରେ ତାଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଦୀକ୍ଷାର ଅର୍ଥ କ'ଣ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଦୀକ୍ଷା ନେଉଛନ୍ତି ସମସ୍ତେ,କିନ୍ତୁ ଦୀକ୍ଷାର ଅର୍ଥ କଣ ? ଯେ ଦେଉଛନ୍ତି ସେମାନେ ବୁଝୁ ନାହାନ୍ତି ଯେ ନେଉଛନ୍ତି ସେମାନେ ତାର ଉପଯୁକ୍ତ ଅର୍ଥକୁ ବୁଝୁନାହାନ୍ତି। କାରଣ ଜଗତରୁ ଈଶ୍ୱରଙ୍କୁ ବୁଝିବା , ଜାଣିବା, ଈଶ୍ୱରଙ୍କ ସମ୍ବନ୍ଧରେ ଜ୍ଞାନ ଜାଣି ତତ୍ତ୍ୱକୁ ବୁଝିବା ହେଉଛି ଦୀକ୍ଷା। ଗୁରୁ ଶିଷ୍ୟ ଭିତରେ ସମନ୍ୱୟ,ଭକ୍ତ ଭଗବାନଙ୍କ ମଧ୍ୟରେ ତାତ୍ତ୍ୱିକ ଭାବକୁ ଦୃଢରୁ ଦୃଢତର କରି ଜଗତରେ ଶ୍ରୀ ଗୁରୁଙ୍କୁ ବୁଝିବା ହେଉଛି ଦୀକ୍ଷା । ପ୍ରତ୍ୟେକ ଅଣୁ,ପରମାଣୁରେ ଭଗବାନଙ୍କ ସତ୍ତାକୁ ଅନୁଭବ କରିବା ହେଉଛି ଦୀକ୍ଷା। ତେଣୁ କଥା ଛଳରେ କୁହେ ଚାଷ କରି ବସି ବାଇଗଣ,ଖୁସି ହେବେ ଯାଇ ନାରାୟଣ ।ଏହି ଦ୍ୱାଦଶାଙ୍ଗୁଳ ବାୟୁକୁ ଲକ୍ଷ କର,ଧ୍ୟାନ କର,ଏବଂ ଚଣ୍ଡାଳୁଁ ବ୍ରହ୍ମ ପର୍ଯ୍ୟନ୍ତ ସମସ୍ତଙ୍କ ଠାରେ ଶ୍ରୀ ଗୁରୁଙ୍କ ସତାକୁ ଉପଲବ୍ଧ କରିବା ହିଁ ଧର୍ମ। ତେଣୁ ଶାସ୍ତ୍ରରେ ଅଛି ଜିବ ବ୍ରହ୍ମୈବ କେବଳଂ,ବ୍ରହ୍ମର ପ୍ରତ୍ୟେକ ବାକ୍ୟକୁ ପାଳନ କରିବା ହିଁ ଜିବର ଧର୍ମ। ସନାତନ ଧର୍ମକୁ ଠିକ୍ ଭାବରେ ବୁଝିବା ହିଁ ଧର୍ମ ବା ଦୀକ୍ଷା,ନଦୀ ଯେତେବେଳେ ସମୁଦ୍ରରେ ମିଶିଯାଏ ସେତେବେଳେ ଆଉ ଦୈତ୍ୟ ଭାବ ଆଉ ନଥାଏ। ସେ ତୁ,ମୁଁ ହୋଇ ଆଉ ରହେ ନାହିଁ। କେବଳ ଈଶ୍ୱର ହିଁ ଈଶ୍ୱର। ସମୁଦ୍ର ହିଁ ସମୁଦ୍ର ଆଉ ନଦୀର ଯେପରି ସତ୍ତା ନଥାଏ। ସେହିପରି ଦୀକ୍ଷା ନେଇ ସାରିଲା ପରେ ଶିଷ୍ୟ ସମୁଦ୍ର ପାଲଟିଯାଏ। ଏହାହିଁ ଗୁରୁ ପରମ୍ପରା ଏହାହିଁ ଗୁରୁ ପରମ୍ପରା ଏହାହିଁ ଦୀକ୍ଷାର ମହାନତା। ହରି ଓଁ।

# ଛାଡ଼ରେ ମନ ଭବେର୍ ଆଶା, ଅଜପା ନାମେ କରରେ ନେଶା...

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ପ୍ରଫେସର
ପ୍ରତିରତ୍ନିକ ଓ ଅବସର ପ୍ରାପ୍ତ
ବିଭାଗୀୟ ମୁଖ୍ୟ
ହେପାଟୋଲୋଜି ବିଭାଗ,
କଟକ ବଡ଼ମେଡ଼ିକାଲ,
ମୋ-: ୯୪୩୭୦୫୧୯୫୭



'ତୁମେ ଅକି□ନ ହୁଅ, ତାଙ୍କ ଛଡ଼ା ତୁମର ଯେପରି ଆଉ କିଛି ବି ନଥାଏ-ତୁମର ଅନ୍ତର-ଆକର୍ଷଣକୁ ବ୍ୟାପୀ ; ଏହା ଭିତରେ – ଦେଇ ତୁମର ସାତତ୍ୱ କୃତି – ଐଶ୍ୱର୍ଯ୍ୟ ଅପର୍ଯ୍ୟାପ୍ତ ହୋଇଉଠୁ – ତାଙ୍କୁ କେନ୍ଦ୍ର କରି ଉତ୍‌କ୍ରମଣୀ ଅନୁବ୍ୟାପନାରେ; ଏପରି ଯଦି ନ ହୁଏ,-ତେବେ ତୁମର ଧର୍ମ ବି ହେଲା ନାହିଁ, କର୍ମ ବି ହେଲା ନାହିଁ । 'ବନ୍ଦେ ଲୋକତିଳଙ୍କ ସାତ୍ୱତବାର୍ତ୍ତା – ବିଭୂଷଣଂ ଅମର କୃତ୍ୟୁତ୍ସାରଣଂ ପ୍ରବୁଦ୍ଧଂ ଲୋକଜୀବନଂ ପ୍ରଣୟ- ପ୍ରମ-ଯୋଗଦୀପନଂ ବନ୍ଦେ ଜୀବନ – ଜୀବନଂ ସତ୍ – ପୁରୁଷମ୍ ।' ଧର୍ମର ଯେତେବେଳେ ବିକୃତି ଘଟେ ସେତେବେଳେ ତା' ସାମ୍ପ୍ରଦାୟିକତାରେ ପରିଣତ ହୁଏ । 'ଯେନାତ୍ମନସ୍ତଥାନ୍ୟେଷାଂ ଜୀବନଂ ବର୍ଦ୍ଧନପତ୍ତାପି ଧ୍ରିୟତେ ସ ଧର୍ମଃ ।' ଯା' ନିଜର ବଞ୍ଚିବା ଓ ବୃଦ୍ଧି ପାଇବାର ସଙ୍ଗେ ସଙ୍ଗେ ଅନ୍ୟର ବଞ୍ଚିବା ଓ ବୃଦ୍ଧି ପାଇବାକୁ ଧରି ରଖେ ତାହା ହିଁ ଧର୍ମ । ଶ୍ରୀ ଶ୍ରୀ ଠାକୁର ତାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନରେ କୁହନ୍ତି 'ଧର୍ମ କେବେ ବି ବହୁ ହୁଏନା, ଧର୍ମ ଏକ ହିଁ ଆଉ ତାର କୌଣସି ବି ପ୍ରକାର ନାହିଁ । ମତ ବହୁ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ । କିନ୍ତୁ ତା'ବୋଲି ଧର୍ମ ବହୁ ହୋଇ ପାରେନା । ହିନ୍ଦୁଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ୍ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁଗୁଡ଼ିକ ମତ । କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାରଭେଦ – ଗୋଟିଏକୁ ନାନା ପ୍ରକାରରେ ଏକରୂପେ ଅନୁଭବ । ସବୁ ମତ ହିଁ, ସାଧନା ବିସ୍ତାର ପାଇଁ, ତେବେ ତାହା ନାନା ପ୍ରକାରରେ ଏକରୂପେ ଅନୁଭବ । ଆଉ ଯେତିକି ବିସ୍ତାର ହେଲେ ଯାହା ହୁଏ ତାହା ହିଁ ଅନୁଭୂତି, ଜ୍ଞାନ । ତେଣୁ ଧର୍ମ ଅନୁଭୂତିର ଉପରେ ।' ପ୍ରକୃତ ସ୍ୱାଧୀନତା ଅର୍ଜନ କରିବାକୁ ହେଲେ ପ୍ରତ୍ୟେକଟି ମଣିଷକୁ ପ୍ରକୃତ ମଣିଷରୂପେ ଗଢ଼ି ହେବାକୁ ହେବ, ପ୍ରତିଟି ଗ୍ରାମକୁ ଉନ୍ନତ କରିବାକୁ ହେବ, ପରମୁଖାପେକ୍ଷିତାକୁ ପରିହାର କରିବାକୁ ହେବ। ହିନ୍ଦୁ-ମୁସଲମାନ-ଖ୍ରୀଷ୍ଟିୟାନ ବିଭିନ୍ନ ମତାବଲମ୍ବୀମାନଙ୍କର ଏଇ ମିଳନକ୍ଷେତ୍ର ଦେଖି ସମସ୍ତେ ହିଁ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ । ସତ୍‌ସଙ୍ଗ ଆଶ୍ରମ ହୋଇ ଉଠିଥିଲା ମଣିଷ ଗଢ଼ିବାର କାରଖାନା ଆଉ ଶ୍ରୀ ଶ୍ରୀ ଠାକୁର ଥିଲେ ଏଇ ମଣିଷ ଗଢ଼ିବାର କାରିଗର। ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଥିଲେ ମଣିଷ କାଙ୍ଗାଳ । ସାରା ଜୀବନରେ ତାଙ୍କର ଗୋଟିଏ ମାତ୍ର ଚାହିଦା ଥିଲା – ତା'ହେଲା ମଣିଷର ଚାହିଦା । ପ୍ରତିଟି ମଣିଷର ସର୍ବାଙ୍ଗୀନ ମଙ୍ଗଳ ତଥା ଜୀବ ଓ ଜଗତର ପ୍ରତିଟି ଅଣୁ ପରମାଣୁର କଲ୍ୟାଣ ସାଧନ ହିଁ ଥିଲା ତାଙ୍କ ଜୀବନର ବ୍ରତ । ସେ ନିଜେ ହିଁ କହନ୍ତି 'ପିଲାବେଳୁ ମୋର ଗୋଟିଏ ବେଉସା – ସେ ହେଲା ମଣିଷ ଚାହିଁବା । ଗୋଟିଏ ସାମ୍ରାଜ୍ୟର ବିନିମୟରେ ବି ମୁଁ ଗୋଟିଏ ମଣିଷ ତ୍ୟାଗ କରିବାକୁ ପ୍ରସ୍ତୁତ ନୁହେଁ। ଗୋଟିଏ ମଣିଷକୁ ମଣିଷ କରି ତୋଳିବା ପାଇଁ ଯଦି ଗୋଟାଏ ସାମ୍ରାଜ୍ୟ ବିନିର୍ବ୍ୟୟ କରିଦେବାକୁ ହୁଏ ସେଥିରେ ବି ମୁଁ କୁଣ୍ଠିତ ନୁହେଁ ।

'ଆନନ୍ଦଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ, ଆନନ୍ଦେନ ଜାତାନି ଜୀବନ୍ତି, ଆନନ୍ଦଂ ପ୍ରୟସ୍ତ୍ୟରିସଂବିଶ୍ୟନ୍ତି' – ଏଇ ହେଲା ଉପନିଷଦର ବାଣୀ । ଏଇ ଆନନ୍ଦ ଉଚ୍ଛ୍ୱାସ ପ୍ରାଚୀନ ସାହିତ୍ୟର ଛତ୍ରେ – ଛତ୍ରେ । ଜୀବନକୁ ଯେଉଁମାନେ ପ୍ରକାଶ କରିବାକୁ ଚାହିଁଛନ୍ତି ସେଇମାନେ ଏଇ ସାଧନା ହିଁ ଗ୍ରହଣ କରିଛନ୍ତି । ପୁଣି କେବଳ ସୁନ୍ଦର ନୁହେଁ, କେବଳ ଆନନ୍ଦ ନୁହେଁ, ସତ୍ୟ କୁ ବି ଉନ୍ମୁକ୍ତ କରିବା ଦରକାର । ଯା' ଅନ୍ଧକାରରେ ଆଚ୍ଛାନ୍ନ ହୋଇଅଛି । ତାକୁ ଅନାବୃତ କରିବାକୁ ହେବ । ଉପନିଷଦର ଋଷି ସେଇ ସତ୍ୟକୁ ଉପଲବ୍ଧି କରି କହିଛନ୍ତି – 'ବେଦାହମେତଂ ପୁରୁଷଂ ମହାନ୍ତଂ ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ' ତାଙ୍କୁ ଉପଲବ୍ଧି କରିବା ପାଇଁ ହିଁ ଋଷିଗଣ ସାଧନା କରିଛନ୍ତି । ସେଇ ସତ୍ୟର ରୂପ ଭାଷାରେ ତୋଳି ଧରନ୍ତି ସାହିତ୍ୟିକ। ବେଦ, ଉପନିଷଦ ଚିରକାଳର ଅନବଦ୍ୟ ଗ୍ରନ୍ଥ । ରାମାୟଣ ଓ ମହାଭାରତରେ ଅଛି ଶ୍ରେଷ୍ଠ ସାହିତ୍ୟରସ। ଶାକ୍ତ ପଦାବଳୀ, ବୈଷ୍ଣବ ପଦାବଳୀ, ଯାତ୍ରା, କବିଗାନ ପ୍ରଭୃତି ମଧ୍ୟରେ ଧର୍ମ ଓ ସାହିତ୍ୟର ଯୋଗ ଅକ୍ଷୁନ୍ନ ରହିଛି ପ୍ରାଚୀନ କାଳରୁ। ସାହିତ୍ୟିକ ନିଜ ଅନ୍ତରରୁ ପ୍ରେରଣା ପାଏ, ଆଉ ପ୍ରେରଣା ଆସେ ତାର ସମସାମୟିକ ଦେଶ ଓ ପରିବେଶରୁ । ସେଥିପାଇଁ ସାହିତ୍ୟିକର ରଚନାରେ ତଦାନୀନ୍ତନାକାଳର ଛାପ ହିଁ ରହିଯାଏ। ସାହିତ୍ୟିକର ଦୃଷ୍ଟି ସୁଦୂରପ୍ରସାରୀ। ପୁଣି, ଦେଶାତ୍ମବୋଧକ ମଧ୍ୟ ଉଜ୍ଜୀବିତ କରିଥାଏ ସାହିତ୍ୟ। ଫ୍ରାନ୍ସ, ରୁଷିଆ, ଇଟାଲୀ, ଉନ୍ନବିଂଶ ଶତାବ୍ଦୀର ବଙ୍ଗଳା ସାହିତ୍ୟ ସବୁହିଁ ଦେଶରେ ଅଗ୍ନି ପ୍ରଜ୍ୱଳିତ କରିଛନ୍ତି। ପଲାସୀ ଯୁଦ୍ଧର ଅଗ୍ନିମୟ, ବଙ୍କିମଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଧ୍ୱନି ବଙ୍ଗାଳୀର ଶକ୍ତି – ସାମର୍ଥ୍ୟକୁ ଉଜ୍ଜୀବିତ କରି ତୋଳିଛି। ରବୀନ୍ଦ୍ରନାଥ, ଦ୍ୱିଜେନ୍ଦ୍ରଲାଲ, ଅତୁଳପ୍ରସାଦ, ସତ୍ୟେନ ଦତ୍ତ- ଏମାନଙ୍କର ସାହିତ୍ୟ ଥିଲା ଭାରତର ଗୌରବ । ଯତୀନ୍ଦ୍ରନାଥ, ଗିରିଶ ଘୋଷ, କ୍ଷୀରୋଦ ପ୍ରସାଦ, ମନ୍ମଥ ରାୟ – ଏମାନଙ୍କର ନାଟକବି ସ୍ୱଦେଶୀଭାବକୁ ସୃଷ୍ଟି କରିଛି । ଆଜି ସ୍ୱାଧୀନତା ଲାଭ ପରେ ସେହି ସାହିତ୍ୟିକ ମାନଙ୍କୁ ପ୍ରଣାମ ଜଣାଏ । ସାହିତ୍ୟିକ କିନ୍ତୁ ତଥାକଥିତ ରାଜନୀତି, ସମାଜନୀତି ପ୍ରଭୃତି ସବୁ ନୀତର ଉର୍ଦ୍ଧ୍ୱରେ ଅବସ୍ଥାନ କରିବେ । ଶାଶ୍ୱତ ସତ୍ୟ – ସୁନ୍ଦରର ସାଧନାରେ ରତ ରହିବେ ସେ । ସାହିତ୍ୟ ଜୀବନର ସବୁ କିଛିକୁ ଗ୍ରହଣ କରିବ, ବର୍ତ୍ତମାନକୁ ଆଲୋକିତ କରିବ, ପୁଣି ଭବିଷ୍ୟତରେ ପଥ ନିର୍ଦ୍ଦେଶ କରିବ । ଚାଲୁ ଚାଲୁ ମଣିଷ ଅଟକିଯାଏ, ସ୍ୱୀୟ ଗଣ୍ଡୀ ମଧ୍ୟରେ ସୀମାବଦ୍ଧ ହୋଇପଡ଼େ। ସେତେବେଳେ ହିଁ ସାହିତ୍ୟିକ ଦେବେ ସତ୍ୟପଥର ସନ୍ଧାନ। ଅମୃତପଥରେ ଚାଲିବାର ବାଣୀ ।'

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଭାରତ ପାଇଁ ଡେବ୍ୟୁ କଲେ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ

**ରାଜକୋଟ**

ବାପାଙ୍କ ଭଳି କ୍ରିକେଟ ମଇଦାନରେ ପାଦ ଥାପିବାର ଆର୍ଯ୍ୟବୀର ସେହ୍ୱାଗଙ୍କ ଅପେକ୍ଷା ଶେଷ ହୋଇଛି। ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷରେ ରାଜକୋଟରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ପ୍ରଥମଥର ପାଇଁ ଭାରତ ଅଣ୍ଡର-୧୯ ଜର୍ସିରେ ମଇଦାନକୁ ଓହ୍ଲାଇଛନ୍ତି। ତେବେ ଡେବ୍ୟୁ ମ୍ୟାଚ୍‌ରେ ଆର୍ଯ୍ୟବୀର ବଡ଼ ଇନିଂସ ଖେଳିପାରିନାହାନ୍ତି।

ଆର୍ଯ୍ୟବୀର ୨୬ଟି ବଲ୍‌ରେ ୨୮ ରନ କରି ପାଭିଲିୟନ ଫେରିଥିଲେ। ତାଙ୍କ ଇନିଂସରେ ୫ଟି ଚୌକା ରହିଥିଲା। ବର୍ଷା ଯୋଗୁ ୫୦ ଓଭରର ମ୍ୟାଚ୍‌କୁ ୨୦ ଓଭରକୁ କମାଇ ଦିଆଯାଇଥିଲା। ତେଣୁ ଭାରତୀୟ ଓପନରଙ୍କ ଉପରେ ଆରମ୍ଭରୁ ଦ୍ରୁତ ରନ କରିବାର ଚାପ ଥିଲା।

ଆର୍ଯ୍ୟବୀରଙ୍କ ଅଣ୍ଡର-୧୯ ଡେବ୍ୟୁ ନିଜ ଆଖିରେ ଦେଖିବା ପାଇଁ ତାଙ୍କ ବାପା ତଥା ଭାରତର ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ନିରଞ୍ଜନ ଶାହ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଷ୍ଟାଣ୍ଡରେ ବସି ପୁଅଙ୍କୁ ଭାରତ ଅଣ୍ଡର-୧୯ ଜର୍ସିରେ ଖେଳୁଥିବା ଦେଖୁଥିବା ସେହ୍ୱାଗଙ୍କ ଫଟୋ ସୋସିଆଲ ମିଡିଆରେ ମଧ୍ୟ ଚର୍ଚ୍ଚାକୁ ଆସିଛି।

ଆର୍ଯ୍ୟବୀର ଏହା ପୂର୍ବରୁ ଘରୋଇ କ୍ରିକେଟ୍‌ରେ ମଧ୍ୟ ବ୍ୟାଟିଂ ଦ୍ୱାରା ନିଜ ପ୍ରତିଭାର ଝଲକ ଦେଖାଇଛନ୍ତି। ଆର୍ଯ୍ୟବୀର ବଡ଼ ସ୍କୋର କରିପାରି ନ ଥିବାବେଳେ ଭାରତୀୟ ଇନିଂସକୁ ଶେଷ ଆଡ଼କୁ ମଜଭୁତ କରିଥିଲେ ରାହୁଲ ଦ୍ରାବିଡଙ୍କ ସାନ ପୁଅ ଅନଭୟ ଦ୍ରାବିଡ।

୬ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅନଭୟ ମାତ୍ର ୧୮ଟି ବଲ୍‌ରୁ ୩୮ ରନ୍‌ରେ ଦ୍ରୁତ ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ୨ଟି ଚୌକା ଓ ୩ଟି ଛକା ରହିଥିଲା। ଭାରତ ୮୮ ରନ୍‌ରେ ୪ଟି ଉଇକେଟ ହରାଇଥିବା ସମୟରେ ଅନଭୟଙ୍କ ଏହି ଦ୍ରୁତ ଇନିଂସ ଦଳକୁ ୧୫୦ ରନ ପାର କରାଇବାରେ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା।

ଭାରତ ଅଣ୍ଡର-୧୯ ୨୦ ଓଭରରେ ୬ ଉଇକେଟ ହରାଇ ୧୮୨ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିପାରିଥିଲା। ଫଳରେ ଭାରତ ୭ ରନ୍‌ରେ ମ୍ୟାଚ ଜିତିଥିଲା। ଭାରତର ବିଜୟରେ ଯଶବର୍ଦ୍ଧନ ଚୌହାନଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ବ୍ୟାଟିଂରେ ୫୪ ରନ କରିବା ସହ ବୋଲିଂରେ ୨ଟି ଉଇକେଟ ନେଇଥିଲେ।

### ଭାରତୀୟ କ୍ରିକେଟ ଦଳକୁ ନେଇ ହଟଚମଟ

# ଏସିଆନ୍ ଗେମ୍‌କୁ ନେଇ ଉଠିଲା ନୂଆ ବିବାଦ

**ନୂଆଦିଲ୍ଲୀ**



୨୦୨୬ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ପୁରୁଷ କ୍ରିକେଟ ଦଳ ରବିବାର ଜାପାନ ଗସ୍ତ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହି ଯାତ୍ରା ପୂର୍ବରୁ ଏକ ନୂଆ ବିବାଦ ଦେଖାଦେଇଛି। ବିସିସିଆଇ ଜାପାନରେ ଭାରତୀୟ କ୍ରିକେଟରମାନଙ୍କ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ପୂର୍ବରୁ ବିସିସିଆଇ ଉପ-ସଭାପତି ରାଜୀବ ଶୁକ୍ଲା ଏସୀୟ କ୍ରୀଡ଼ାରେ ଭାରତୀୟ ଦଳ ପାଇଁ କରାଯାଇଥିବା ରହିବା ବ୍ୟବସ୍ଥାକୁ ସନ୍ତୋଷଜନକ ବୋଲି ବର୍ଣ୍ଣନା କରିଥିଲେ; ସେ କହିଥିଲେ ଯେ ସୁବିଧାଗୁଡ଼ିକ ଅତ୍ୟନ୍ତ ଉଚ୍ଚମାନର ନ ହେଲେ ମଧ୍ୟ ସେଗୁଡ଼ିକ ଯଥେଷ୍ଟ ଥିଲା।

ଆୟୋଜକଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ରୁମକୁ ନେଇ ଚିନ୍ତା ପ୍ରକାଶ ପାଇବା ପରେ ବିସିସିଆଇ ନାଗୋୟା (ଜାପାନ) ଠାରେ ଟିମ ଇଣ୍ଡିଆର ରହିବା ବ୍ୟବସ୍ଥାର ଦାୟିତ୍ୱ ନିଜ ହାତକୁ ନେବାକୁ ନିଷ୍ପତ୍ତି ନେଇଥିଲା। ଆୟୋଜକଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାନରେ ଖେଳାଳିମାନେ ସେମାନଙ୍କ କ୍ରିକେଟ କିଟ ବ୍ୟାଗ ରଖିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ, ଯାହା ଫଳରେ ବିସିସିଆଇକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ତଥାପି, ଭାରତୀୟ ମହିଳା ଦଳ ଆୟୋଜକଙ୍କ ଦ୍ୱାରା ପ୍ରଥମେ ଯୋଗାଇ ଦିଆଯାଇଥିବା ସ୍ଥାନରେ ହିଁ ରହିବା ଜାରି ରଖିଛନ୍ତି।

ଭାରତୀୟ ପୁରୁଷ ଦଳ ରବିବାର ସକାଳେ ଜାପାନ ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ଅଛନ୍ତି। ତଥାପି, ଦଳର କେତେଜଣ ସଦସ୍ୟଙ୍କୁ ଏପର୍ଯ୍ୟନ୍ତ ସଠିକ ମାପର ସରକାରୀ କିଟ (ଖେଳ ପୋଷାକ ଓ ସାମଗ୍ରୀ) ମିଳିପାରିନାହିଁ। ଜେଏସ୍‌ଡବ୍ଲ୍ୟୁ ହେଉଛି ଭାରତୀୟ ଅଲିମ୍ପିକ ସଂଘ ପାଇଁ କିଟ ଯୋଗାଣକାରୀ ସଂସ୍ଥା ଏବଂ ଦଳର କିଟ ସମ୍ବନ୍ଧରେ ବିସିସିଆଇ ଓ ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ଅନେକ ଥର ଆଲୋଚନା ହୋଇଛି।

ସମ୍ବାଦ ସଂସ୍ଥା ପିଟିଆଇ ଅନୁଯାୟୀ, କିଟ ସମ୍ବନ୍ଧୀୟ ଅଧିକାଂଶ ସମସ୍ୟାର ସମାଧାନ ହୋଇସାରିଛି ଏବଂ କେବଳ ଅଳ୍ପ କେତେଜଣ ଖେଳାଳି ଏବେ ମଧ୍ୟ ନିଜ କିଟ ପାଇବାକୁ ଅପେକ୍ଷା କରିଛନ୍ତି। ଉଲ୍ଲେଖନୀୟ ଯେ, ଏସୀୟ କ୍ରୀଡ଼ା ସମୟରେ ଭାରତୀୟ ଦଳ ଦୁଇଟି ଭିନ୍ନ ଭିନ୍ନ ଜର୍ସି ପିନ୍ଧିବ। ସେପ୍ଟେମ୍ବର ୨୨ରେ ଜାପାନ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ନିଜର ନିୟମିତ ଟି୨୦ ଜର୍ସି ପିନ୍ଧିବ; କିନ୍ତୁ ସେପ୍ଟେମ୍ବର ୨୮ରେ ହେବାକୁ ଥିବା ଏସୀୟ କ୍ରୀଡ଼ା କ୍ୱାର୍ଟର-ଫାଇନାଲ ମ୍ୟାଚ ପାଇଁ ଦଳ ନିର୍ଦ୍ଦିଷ୍ଟ 'ଏସୀୟ କ୍ରୀଡ଼ା ଜର୍ସି' ପିନ୍ଧି ମଇଦାନକୁ ଓହ୍ଲାଇବ।

ତାଜିନ୍ଦର ପାଲ ସିଂହ ଏସୀୟ କ୍ରୀଡ଼ାର ଉଦଘାଟନୀ ଉତ୍ସବରେ ଭାରତୀୟ ଦଳର ପତାକାବାହକ ଭାବେ ଦାୟିତ୍ୱ ନିର୍ବାହ କରିପାରିବେ ନାହିଁ, କାରଣ ସେ ତାଙ୍କର ଅଫିସିଆଲ କିଟ (ପୋଷାକ ଓ ସାମଗ୍ରୀ) ପାଇପାରି ନାହାନ୍ତି। ଏସୀୟ କ୍ରୀଡ଼ାରେ ଦୁଇଥର 'ଶଟ ପୁଟ' ଚାମ୍ପିୟନ ହୋଇଥିବା ଏହି ଖେଳାଳି ନିଜର ଅଫିସିଆଲ ଟ୍ରେନିଂ କିଟ ପାଇନଥିବାରୁ ସୁକୁବାରୁ ନାଗୋୟା ଯାତ୍ରା କରିପାରି ନଥିଲେ। ତାଙ୍କ ସ୍ଥାନରେ କବାଡ଼ି ତାରକା ପୱନ ସେହରାୱତଙ୍କୁ ପତାକାବାହକ ଭାବେ ମନୋନୀତ କରାଯାଇଛି। ମହିଳା ବର୍ଗରେ ମନୁ ଭାକର ଭାରତୀୟ ଦଳର ନେତୃତ୍ୱ ନେବେ।

# ମୋବାଇଲ ଛାଡ, ବହି ପଢ

**ସିଙ୍ଗାପୁର**

ସ୍ମାର୍ଟଫୋନ୍ ବ୍ୟବହାର ଓ ସ୍ୱଳ୍ପ ସମୟର ଭିଡିଓ ପ୍ରତି ବଢୁଥିବା ଆକର୍ଷଣ ମଧ୍ୟରେ ଲୋକଙ୍କୁ ପୁଣି ବହି ପଢିବା ଅଭ୍ୟାସକୁ ଫେରାଇବା ପାଇଁ ସିଙ୍ଗାପୁର ସରକାର ପାଞ୍ଚବର୍ଷିଆ "ନ୍ୟାସନାଲ ରିଡିଂ ମିଶନ" ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଦିନକୁ ଅତି କମ୍‌ରେ ୧୫ ମିନିଟ୍ ବହି ପଢୁଥିବା ଲୋକଙ୍କୁ ପୁରସ୍କାର ଦିଆଯିବ। ସିଙ୍ଗାପୁର ନ୍ୟାସନାଲ ଲାଇବ୍ରେରୀ ବୋର୍ଡ(ଏନ୍‌ଏଲ୍‌ବି) ସରକାରଙ୍କ କ୍ରାଉଡ୍‌ଟାସ୍କଏସଜି ୱେବସାଇଟ୍ ମାଧ୍ୟମରେ ଏକ ଖେଳଭିତ୍ତିକ ପୁରସ୍କାର ବ୍ୟବସ୍ଥା କରିଛି। ଅଂଶଗ୍ରହଣକାରୀମାନେ ପ୍ରତିଦିନ ନିଜର ପଢା ସମୟ ରେକର୍ଡ କରି ଭର୍ଚୁଆଲ କଏନ୍ ହାସଲ କରିପାରିବେ। ଦିନକୁ ୧୫ ମିନିଟ୍ ପଢିଲେ ୨୦ଟି କଏନ୍ ମିଳିବ। ଏଭଳି ୫୦ ଦିନ ପଢିଲେ ୧,୦୦୦ କଏନ୍ ଜମା ହେବ, ଯାହାକୁ ୧ ସିଙ୍ଗାପୁର ଡଲାର୍ ଅର୍ଥାତ୍ ପ୍ରାୟ ୭୬ ଟଙ୍କାର ନଗଦ ପୁରସ୍କାରରେ ବଦଳାଯାଇପାରିବ। ଚଳିତ ବର୍ଷ ୭୫ ଲକ୍ଷ ପଢା ମିନିଟର ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରାୟ ୧୧୪ କୋଟି ଟଙ୍କାର ପୁରସ୍କାର ବଣ୍ଟନ ଯୋଜନା ରହିଛି। ଏନ୍‌ଏଲ୍‌ବି ଅଧିକାରୀ ମେଲିସା ଥାମ୍‌ଙ୍କ ମତରେ ସ୍ୱଳ୍ପ ଭିଡିଓ ଶୀଘ୍ର ସୂଚନା ଦେଇଥିଲେ ମଧ୍ୟ ଲଗାତାର ଏଭଳି ବିଷୟବସ୍ତୁ ଦେଖିବା ଏକାଗ୍ରତା ଉପରେ ପ୍ରଭାବ ପକାଇପାରେ। ବହି ଓ ଦୀର୍ଘ ଲେଖା ପଢିବା ଏକାଗ୍ରତା, ଚିନ୍ତନ ଓ କଳ୍ପନାଶକ୍ତି ବଢାଇବାରେ ସହାୟକ ହୋଇପାରେ। ତେବେ ଟଙ୍କାର ପ୍ରୋତ୍ସାହନ ଦୀର୍ଘକାଳୀନ ପଢା ଅଭ୍ୟାସ ଗଢିପାରିବ କି ନାହିଁ ଏନେଇ ବିଶେଷଜ୍ଞଙ୍କ ମତ ଭିନ୍ନ ରହିଛି। ମନୋବିଜ୍ଞାନୀ ଚାରିସାଙ୍ଗ ଙ୍କ କହିବାନୁସାରେ ପଢାପ୍ରତି ଆଗ୍ରହ ଥିବା ଲୋକଙ୍କୁ ଆର୍ଥିକ ପୁରସ୍କାର ଉତ୍ସାହିତ କରିପାରେ କିନ୍ତୁ ବହି ପ୍ରତି ଆଗ୍ରହ ନଥିବା ଲୋକଙ୍କ ମଧ୍ୟରେ କେବଳ ଟଙ୍କା ଦ୍ୱାରା ସ୍ଥାୟୀ ଅଭ୍ୟାସ ଗଢିବା କଷ୍ଟକର।

# ୨୪ ଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଇଥିଲା ପ୍ରଥମ ଦିନିକିଆ ମ୍ୟାଚ ପାଇଁ ୫୦,୦୦୦ ଟିକେଟ

**ନୂଆଦିଲ୍ଲୀ**



ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ତିନୋଟି ଏକଦିବସୀୟ ଏବଂ ପାଞ୍ଚୋଟି ଟି୨୦ଆଇ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ଭାରତ ଗସ୍ତ କରୁଛି। ଏହି ଗସ୍ତ ସେପ୍ଟେମ୍ବର ୨୭ ରୁ ଓଡିଆଇ ସିରିଜ ସହିତ ଆରମ୍ଭ ହେବ। ପ୍ରଥମ ମ୍ୟାଚ ତିରୁଅନନ୍ତପୁରମରେ ଖେଳାଯିବ ଏବଂ ଏହା ମାଧ୍ୟମରେ ବିରାଟ କୋହଲି ଓ ରୋହିତ ଶର୍ମା ପୁନର୍ବାର ଖେଳକୁ ଫେରିବେ। ଖବର ଅନୁଯାୟୀ, କୋହଲି ଏହି ମ୍ୟାଚ ଖେଳିବାକୁ ପ୍ରସ୍ତୁତ ଅଛନ୍ତି; ଫଳରେ, ତିରୁଅନନ୍ତପୁରମରେ ହେବାକୁ ଥିବା ପ୍ରଥମ ମ୍ୟାଚ ପାଇଁ ସମସ୍ତ ଟିକେଟ ବିକ୍ରି ଆରମ୍ଭ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଶେଷ ହୋଇଯାଇଥିଲା, ଅର୍ଥାତ ସେହି ସ୍ୱଳ୍ପ ସମୟ ମଧ୍ୟରେ ୫୦,୦୦୦ ଟିକେଟ ବିକ୍ରି ହୋଇଯାଇଥିଲା।

ଭାରତୀୟ କ୍ରିକେଟ ଦଳର ଷ୍ଟାର୍ ବ୍ୟାଟର ବିରାଟ କୋହଲିଙ୍କ ବିପୁଳ ପ୍ରଶଂସକ ସଂଖ୍ୟା କାହାକୁ ଅଜଣା ନୁହେଁ। ଏକ ଦୀର୍ଘ ବିରତି ପରେ ବିରାଟ ପୁଣି ଥରେ ଖେଳକୁ ଫେରୁଛନ୍ତି; ଆଫଗାନିସ୍ତାନ ବିପକ୍ଷ ସାମ୍ପ୍ରତିକ ଦିନିକିଆ ସିରିଜରୁ ବାଦ ପଡ଼ିବା ପରେ, ସେ ଆଇପିଏଲ ପରେ ପୁଣି ଖେଳୁଥିବାର ନଜର ଆସିବେ।

ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ ସେପ୍ଟେମ୍ବର ୨୭ ରେ ଥିରୁଅନନ୍ତପୁରମ ଠାରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି; ଏହି ଷ୍ଟାଡିୟମର ଦର୍ଶକ କ୍ଷମତା ୫୦,୦୦୦ ଅଟେ। ରିପୋର୍ଟ ଅନୁଯାୟୀ, ବିରାଟ କୋହଲିଙ୍କୁ ନେଇ ଥିବା ଉତ୍ସାହ ଯୋଗୁ ମାତ୍ର ୨୪ ଘଣ୍ଟାରୁ କମ ସମୟ ମଧ୍ୟରେ ସମସ୍ତ ଟିକେଟ ବିକ୍ରି ହୋଇଯାଇଛି। ଏହାର ବିପରୀତରେ, କିଛି ମାସ ପୂର୍ବେ ଯେତେବେଳେ ଭାରତ ଆଫଗାନିସ୍ତାନ ବିପକ୍ଷରେ ଘରୋଇ ସିରିଜ ଖେଳିଥିଲା, ସେତେବେଳେ ଷ୍ଟାଡିୟମଗୁଡ଼ିକ ପ୍ରାୟତଃ ଖାଲି ରହିଥିଲା କାରଣ ସେଥିରେ କୋହଲି ଅଂଶଗ୍ରହଣ କରିନଥିଲେ। ସେହି ସମୟରେ ଲକ୍ଷ୍ନୌର ଏକାନା ଷ୍ଟାଡିୟମ ଏବଂ ଚେନ୍ନାଇର ଏମ.ଏ. ଚିଦାମ୍ବରମ ଷ୍ଟାଡିୟମ ଭଳି ସ୍ଥାନରେ ଅନୁଷ୍ଠିତ ମ୍ୟାଚଗୁଡ଼ିକରେ ବହୁ ସଂଖ୍ୟକ ଆସନ ଖାଲି ପଡ଼ିଥିବାର ଦେଖିବାକୁ ମିଳିଥିଲା।

ଭାରତୀୟ ଷ୍ଟାର୍ ବ୍ୟାଟର ବିରାଟ କୋହଲି ବର୍ତ୍ତମାନ ସୁଦ୍ଧା ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ବିପକ୍ଷରେ ୪୨ଟି ଦିନିକିଆ ମ୍ୟାଚ ଖେଳି ୨,୨୬୧ ରନ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ସେମାନଙ୍କ ବିପକ୍ଷରେ ୯ଟି ଶତକ ଏବଂ ୧୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କର ସର୍ବାଧିକ ସ୍କୋର ହେଉଛି ଅପରାଜିତ ୧୫୭ ରନ। ବର୍ତ୍ତମାନ, ଏହି 'ରନ ମେସିନ' କାରିବିଆନ ବୋଲରଙ୍କୁ କଡ଼ା ମୁକାବିଲା କରି ନିଜର ଏହି ରେକର୍ଡକୁ ଆହୁରି ଉନ୍ନତ କରିବାକୁ ଲକ୍ଷ୍ୟ ରଖିବେ।

ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ ଗ୍ରୀନଫିଲ୍ଡ ଷ୍ଟାଡିୟମରେ ଖେଳାଯିବ। ଏହି ଷ୍ଟାଡିୟମରେ ତାଙ୍କ ରେକର୍ଡ କଥା କହିଲେ, କୋହଲି ଏଠାରେ ମାତ୍ର ଦୁଇଟି ମ୍ୟାଚ ଖେଳିଛନ୍ତି ଏବଂ ଦୁଇଟି ଇନିଂସରେ ୧୪୩.୧୭ ଷ୍ଟ୍ରାଇକ ରେଟ ସହ ମୋଟ ୧୯୯ ରନ ସଂଗ୍ରହ କରିଛନ୍ତି। ଏହି ପଡ଼ିଆରେ ତାଙ୍କର ସର୍ବାଧିକ ସ୍କୋର ହେଉଛି ଅପରାଜିତ ୧୬୬ ରନ।

# ହଷ୍ଟେଲ ରୁମ୍‌ରୁ ଯୁକ୍ତ ୩ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ସମୁଦ୍ରକୂଳ ଥାନା ଅନ୍ତର୍ଗତ ସରକାରୀ ମହିଳା ମହାବିଦ୍ୟାଳୟ ପରିସରସ୍ଥିତ ହଷ୍ଟେଲରୁ ଜଣେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ହେଲେ ରାୟଗଡା ଅଞ୍ଚଳର ନନ୍ଦିନୀ ବାଗ(୧୯)। ଘଟଣାକୁ ନେଇ ଗୁରୁବାର ପୁରୀରେ ଚର୍ଚ୍ଚା ଦେଖାଦେଇଛି।

ସୂଚନା ଅନୁଯାୟୀ, ନନ୍ଦିନୀ ସରକାରୀ ମହିଳା ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ। ସେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଏକ ରୁମ୍‌ରେ ଅନ୍ୟ ଦୁଇ ଜଣ ଛାତ୍ରୀଙ୍କ ସହ ସେ ରହୁଥିଲେ। ଘଟଣା ସମୟରେ ଜଣେ ସହପାଠୀ ଛୁଟୀରେ ଘରକୁ ଯାଇଥିବାବେଳେ ଅନ୍ୟ ଜଣେ କ୍ଲାସକୁ ଯାଇଥିଲେ। ଏହି ସମୟରେ ନନ୍ଦିନୀ ରୁମରେ ଏକାଥିବା ସମୁଦ୍ରକୂଳ ଥାନା ପୁଲିସ କହିଛି। ଘଟଣା ସମ୍ପର୍କରେ ହଷ୍ଟେଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ ସମୁଦ୍ରକୂଳ ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନନ୍ଦିନୀଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନାହିଁ। ପରିବାର ବର୍ଗଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ପୁଲିସ ତଦନ୍ତ ପରେ ମୃତ୍ୟୁର କାରଣ ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଜଣାପଡିଛି।

### ଜଳେଶ୍ୱରରେ ବିଜେପି କାର୍ଯ୍ୟକାରିଣୀ ବୈଠକ

# ଦଳୀୟ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ଭାରତୀୟ ଜନତା ପାର୍ଟିର ସାଂଗଠନିକ ଜିଲ୍ଲା ବାଲେଶ୍ୱର ଉତ୍ତରର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ମାନନୀୟ ପ୍ରଦୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜଳେଶ୍ୱର ସ୍ଥିତ ମୁରଲି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ମଣ୍ଡଳର ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବୈଠକ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ସକାଳ ୯ଟାରୁ ଆରମ୍ଭ ହୋଇ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ ସହିତ ବୈଠକର ଔପଚାରିକ ଶୁଭାରମ୍ଭ ହୋଇଥିଲା। ଅତିଥି ପରିଚୟ ଓ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମ ପରେ ଜିଲ୍ଲା ସଭାପତି ପ୍ରଦୀପ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକାରିଣୀ ବୈଠକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକକୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ସେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ବର୍ତ୍ତମାନର ରାଜନୈତିକ ଓ ସାମାଜିକ ପରିସ୍ଥିତିରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ସ୍ଥାନୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ସୁଦୃଢ଼ କରିବା, ଜନସାଧାରଣଙ୍କ ନିକଟରେ ସକ୍ରିୟ ରହିବା ଏବଂ ଦଳର ନୀତି ଓ ଚିନ୍ତାଧାରାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ କାର୍ଯ୍ୟକର୍ତ୍ତା ମାନଙ୍କୁ ଆହ୍ୱାନ ଜଣାଇଥିଲେ। ଦ୍ୱିତୀୟ ଅଧିବେଶନରେ ଜିଲ୍ଲାର କୋଷାଧ୍ୟକ୍ଷ ଫରନାଲ୍ ବିଶ୍ୱାଳଙ୍କ ଦ୍ୱାରା ବିଗତ ଦିନରେ ଦେହାନ୍ତ ହୋଇଥିବା କାର୍ଯ୍ୟକର୍ତ୍ତା ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତୃତୀୟ ଅଧିବେଶନରେ ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ଦତ୍ତ ମାନନୀୟ ସାଂସଦ ଓ ଜିଲ୍ଲାର ନିର୍ବାଚନମଣ୍ଡଳୀ ନେତା ମାନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ଓ ବିକାଶମୂଳକ ପଦକ୍ଷେପର ସଫଳତା ପାଠ କରିବା ସହିତ ପିପିଟି ମାଧ୍ୟମରେ ଦେଖାଇ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ ।ଏବଂ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ସଫଳତାର କାହାଣୀ ଏତେ ମର୍ମସ୍ପର୍ଶୀ ଥିଲା ଯେ ରାଜ୍ୟ ସଭାପତି, ମଞ୍ଚାସିନ ଅତିଥି, ଜିଲ୍ଲା ପ୍ରଭାରୀ ଏବଂ କୃଷ୍ଣଚନ୍ଦ୍ରଙ୍କର ପ୍ରଶଂସା କରଥିଲେ। ସମାପନୀ ଅଧିବେଶନରେ ସରକାରଙ୍କ ବିଭିନ୍ନ ଉପଲବ୍ଧି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିସ୍ତୃତ ଆଲୋଚନା କରିଥିଲେ। ଗତ କାଲି ଠାରୁ ଏକମାସ ବ୍ୟାପି ଜିଲ୍ଲାରେ ହେବାକୁ ଥିବା ସେବାକାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ।

# ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କ ସହିତ ମିଡିଆ ହାଉସ୍‌ର ଆଲୋଚନା

**ଆଠଗଡ, ନ୍ୟୁଜ୍ ବ୍ୟୁରୋ**

ଆଠଗଡ଼ର ଅଗ୍ରଣୀ ସାମ୍ବାଦିକ ସଂଘ ମିଡିଆ ହାଉସ ପକ୍ଷରୁ ନୂତନ ଉପଜିଲ୍ଲାପାଳ ଅନିମେଷ ପ୍ରଧାନଙ୍କ ସହିତ ସାକ୍ଷାତ ହେବା ସହିତ ଆଠଗଡର କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ମିଡିଆ ହାଉସର ସଭାପତି ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଆଠଗଡ଼ ତଥା ଓଡ଼ିଶାର ଗର୍ବ ଓ ଗୌରବ ବାବା ଧବଳେଶ୍ୱରଙ୍କ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ନାଲିଫିତା ତଳେ ଚାପିହୋଇ ରହିଥିବା ଫାଇଲକୁ କାର୍ଯ୍ୟକାରୀ କରିବାକୁ ନିବେଦନ କରିଥିଲେ। ବରିଷ୍ଠ ସଦସ୍ୟ ସାମ୍ବାଦିକ ବିଜୟ କୁମାର ନାୟକ ଭୁବନେଶ୍ୱରରୁ ମୁଣ୍ଡଳୀ ଭାୟା ଆଠଗଡ଼ ଦେଇ ଯାଉଥିବା ସମସ୍ତ ଯାତ୍ରୀବାହୀ ବସ ଗୁଡିକ ବୀରକିଶୋରପୁର ଛକ ଠାରେ ନରହି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଠଗଡ଼ ବସ ଷ୍ଟାଣ୍ଡ ଭିତରକୁ ପ୍ରବେଶ କରି ଯାତ୍ରୀଙ୍କୁ ନେବାକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ସେହିପରି ସମ୍ପାଦକ ଦିଲ୍ଲୀପ କୁମାର ଦାସ ଆଠଗଡ଼ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ଡାକ୍ତର ଅଭାବ ସାଙ୍ଗକୁ ବିଶେଷ ଭାବେ ଡାକ୍ତରଙ୍କ ଅନୁପସ୍ଥିତି ହେଉଥିବାରୁ ନରସିଂହପୁର, ବଡମ୍ବା, ତିଗିରିଆ ଓ ଆଠଗଡ଼ ବ୍ଲକର ହଜାର ହଜାର ରୋଗୀ ନାହିଁ ନଥିବା ହିନସ୍ତା ହେଉଥିବାରୁ ଏହାର ପ୍ରତିକାର କରିବାକୁ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ଏହି ସମସ୍ତ ଦାବିଗୁଡିକ ଉପଜିଲ୍ଲାପାଳ ଅନିମେଷ ପ୍ରଧାନ ନିଜ ଲ୍ୟାପଟପରେ ରେକର୍ଡ କରି ରଖିବା ସହିତ ଏ ଦିଗରେ ଆପଣମାନେ ଓ ଜନସାଧାରଣଙ୍କ ସହଯୋଗ ମିଳିଲେ ନିଶ୍ଚିନ୍ତ କାର୍ଯ୍ୟକାରୀ କରିବାକୁ ସେ ପ୍ରଥମେ ପଦକ୍ଷେପ ନେବେ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ମିଡିଆ ହାଉସ ପକ୍ଷରୁ ଉପଜିଲ୍ଲାପାଳ ପ୍ରଧାନଙ୍କୁ ଉତ୍ତରୀୟ ଓ ଶ୍ରୀରାମଙ୍କ ଏକ ଫଟୋ ଚିତ୍ର ଅର୍ପଣ କରାଯାଇଥିଲା। ଏହି ସାକ୍ଷାତ ବେଳେ ମିଡ଼ିଆ ହାଉସର ଉପସଭାପତି ସ୍ୱରାଜ ପଣ୍ଡା, ଶୈଳେନ୍ଦ୍ର ପଟ୍ଟନାୟକ, ମହେଶ୍ୱର ବେହେରା, ରଞ୍ଜିତ ରାଉତ, ପରମାନନ୍ଦ ମୁଦୁଲି, ସହ ସମ୍ପାଦକ ମାନସ ସାହୁ ସୋନାଲି କାଳିଆ।


24001/462/2627

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**ପ୍ରତ୍ୟାହାର ବିଜ୍ଞପ୍ତି**

**No. RDM-LAA-BDK-0008-2023 -34159 /R&DM, dated:11.08.2026**

ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୯୩(୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ରାଜ୍ୟ ସରକାର ଏତଦ ଦ୍ୱାରା ମୌଜା- **ଲକ୍ଷ୍ମୀପ୍ରସାଦ**, ତହସିଲ – ଚାନ୍ଦବାଲି, ଜିଲ୍ଲା- ଭଦ୍ରକରେ ଶିଳ୍ପ ପାର୍କ ପ୍ରକଳ୍ପ ପାଇଁ ଅଧିଗୃହୀତ **୨୨.୪୪୫୦ ଏକର** ଜମିରୁ **୮.୧୪ ଏକର** କ୍ଷେତ୍ର ପ୍ରତ୍ୟାହାର କରୁଛନ୍ତି, ଯାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଉପରୋକ୍ତ ଆଇନର ଧାରା ୧୧(୧) ରେ ଜାରି ହୋଇଥିବା ପ୍ରାଥମିକ ଅଧିସୂଚନା ସଂଖ୍ୟା ୪୨୭୦୫ ତା ୦୫.୧୨.୨୦୨୩ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୫୦ ତା ୦୫.୦୧.୨୦୨୪ ରିଖ ପ୍ରକାଶିତ ହୋଇଥିଲା ଏବଂ ଘୋଷଣା ସଂଖ୍ୟା ୪୮୦୭ ତା ୦୨.୦୨.୨୦୨୬ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୬୯୩ ତା ୧୭.୦୨.୨୦୨୬ ରିଖ ପ୍ରକାଶିତ ହୋଇଥିଲା । ସରକାରଙ୍କ ଦ୍ୱାରା ଉକ୍ତ ପ୍ରତ୍ୟାହୃତ ହେଉଥିବା ଜମିର ଦଖଲ ନିଆଯାଇ ନାହିଁ।

ଏଥି ସହିତ ପ୍ରତ୍ୟାହାର ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

ପ୍ରତ୍ୟାହାର ଭୂମି (ପ୍ରସ୍ତାବିତ)ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜାର ନାମ: ଲକ୍ଷ୍ମୀପ୍ରସାଦ
ଥାନା ଓ ନଂ.: ବାଁଶଡା, ୧୦୩
ତହସିଲ: ଚାନ୍ଦବାଲି
ଜିଲ୍ଲା: ଭଦ୍ରକ

**11(1) Notification No. 42705/R&DM Dt. 05.12.2023 (Ac.22.4450)**

**L.A. Case No. 2/23**

| କ୍ର.ସଂ | ଖାତା ନଂ. | ଖସଡା ନଂ. | ମୋଟ ରକବା (ଏକର) | ଭୂ-ଅର୍ଜନ ରକବା (ଏକର) | କିସମ | ଖାତାର ନୂତନ ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୮ | ୩୦୬ | ୬.୩୦୦ | ୬.୩୦୦ | ଶାରଦ-୨ | ଶ୍ରୀ ଶ୍ରୀ ଗୌରାଙ୍ଗ ଜିଉ ବିଜେ ନିଜଗାଁ ମାର୍ଫତ ବା:, ଅମୀୟ କୁମାର ମହାପାତ୍ର, ଅଶୀମ କୁମାର ମହାପାତ୍ର ପି: ଯତିନ୍ଦ୍ର ନାଥ ମହାପାତ୍ର ଜା: କରଣ ବା: କିଶୋର ପ୍ରସାଦ |
| ୨ | ୩୩ | ୩୦୭ | ୪.୭୫ | ୧.୮୪ | ଶାରଦ-୨ | ଝାଡେଶ୍ୱର ପାତ୍ର ପି:ହରି ପ୍ରସାଦ ପାତ୍ର ଜା: କରଣ ବା: କିଶୋର ପ୍ରସାଦ |
| | | ମୋଟ | ୧୧.୦୫ | ୮.୧୪ | | |

ରାଜ୍ୟପାଳଙ୍କ ଆଦେଶାନୁସାରେ
(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

**OIPR : 24001/24001/3/26-27/0150**



24001/463/2627

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**ପ୍ରତ୍ୟାହାର ବିଜ୍ଞପ୍ତି**

**No. RDM-LAA-BDK-0002-2023 -33863 /R&DM, dated:07.08.2026**

ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୯୩(୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ରାଜ୍ୟ ସରକାର ଏତଦ ଦ୍ୱାରା ମୌଜା- **କଇଥଖୋଲା**, ଜିଲ୍ଲା- ଭଦ୍ରକରେ ଶିଳ୍ପ ପାର୍କ ପ୍ରକଳ୍ପ ପାଇଁ ଅଧିଗୃହୀତ **୨.୮୯ ଏକର** ଜମିରୁ **୦.୩୪ ଏକର** କ୍ଷେତ୍ର ପ୍ରତ୍ୟାହାର କରୁଛନ୍ତି, ଯାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଉପରୋକ୍ତ ଆଇନର ଧାରା ୧୧(୧) ରେ ଜାରି ହୋଇଥିବା ପ୍ରାଥମିକ ଅଧିସୂଚନା ସଂଖ୍ୟା ୩୧୬୪୭ ତା ୦୨.୦୯.୨୦୨୩ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୨୬୦୩ ତା ୧୩.୧୧.୨୦୨୩ ରିଖ ପ୍ରକାଶିତ ହୋଇଥିଲା ଏବଂ ଘୋଷଣା ସଂଖ୍ୟା ୪୫୦୭୬ ତା ୨୯.୧୧.୨୦୨୫ ରିଖ ଓ ଓଡ଼ିଶା ଗଜେଟ୍ ସଂଖ୍ୟା ୬୮୭ ତା ୧୭.୦୨.୨୦୨୬ ରିଖ ପ୍ରକାଶିତ ହୋଇଥିଲା । ସରକାରଙ୍କ ଦ୍ୱାରା ଉକ୍ତ ପ୍ରତ୍ୟାହୃତ ହେଉଥିବା ଜମିର ଦଖଲ ନିଆଯାଇ ନାହିଁ।

ଏଥି ସହିତ ପ୍ରତ୍ୟାହାର ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

ପ୍ରତ୍ୟାହାର ଭୂମି ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ

ମୌଜାର ନାମ: କଇଥଖୋଲା
ଥାନା ଓ ନଂ.: ବାଁଶଡା, ୧୪୩
ତହସିଲ: ଚାନ୍ଦବାଲି
ଜିଲ୍ଲା: ଭଦ୍ରକ

11 (1) Notification No. 31647/R&DM Dt. 02.09.2023 (Ac.2.8900)

L.A. Case No. 3/22

| କ୍ର. ସଂ | ଖାତା ନଂ. | ଖସଡା ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ପ୍ରତ୍ୟାହାର ରକବା (ଏକର) | କିସମ | ଖାତାର ନୂତନ ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|---|
| ୧ | ୫୯ | ୫୫ | ୦.୩୫୦ | ୦.୧୨୦ | ୦.୦୫୦ | ଘରବାରି | ଯଶୋଦା ସାମଲ ସ୍ୱା:ବଂଶୀଧର ସାମଲ ଜା: ମହୁରିଆ ବା: ନିଜଗାଁ |
| ୨ | ୯୨ | ୫୭ | ୦.୫୦୦ | ୦.୫୦୦ | ୦.୨୯୦ | ଶାରଦ ଦୁଇ | ପାଗଳ ବେହେରା ପି:ରାଧୁ ବେହେରା ଜା: ନିଆରି ବା: ନିଜଗାଁ |
| | | ମୋଟ | ୦.୮୫୦ | ୦.୬୨୦ | ୦.୩୪୦ | | |

ରାଜ୍ୟପାଳଙ୍କ ଆଦେଶାନୁସାରେ
(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

**OIPR : 24001/24001/3/26-27/0151**

ଭୁବନେଶ୍ୱର, ୨୦ ସେପ୍ଟେମ୍ବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଖୁବ୍‌ଶୀଘ୍ର ଖୋଲିପାରେ ଶ୍ରୀଗୁଣ୍ଡିଚା ମନ୍ଦିର

**ପୁରୀ ୧୯।୯ ନ୍ୟୁଜ ବ୍ୟୁରୋ**

ଖୁବ୍‌ଶୀଘ୍ର ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ସମ୍ଭବତଃ ଆସନ୍ତା ଅକ୍ଟୋବର ମାସରୁ ଭକ୍ତଙ୍କ ପାଇଁ ଖୋଲାଯାଇପାରେ ଶ୍ରୀଗୁଣ୍ଡିଚା ମନ୍ଦିର। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଶେଷ କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବା ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ଶୁଳ୍କ ମାତ୍ର ୧୦ ଟଙ୍କା ରହିବ। ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ଛୋଟ ଶିଶୁଙ୍କ ପାଇଁ ଏହି ପ୍ରବେଶ ଶୁଳ୍କ ଲାଗୁ ହେବ ନାହିଁ। ଭକ୍ତମାନେ କେବଳ ଏବେ ଆଡ଼ପ ମଣ୍ଡପକୁ ଦର୍ଶନ କରିପାରିବେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ସ୍ଥାନ ବୁଲିବା ପାଇଁ ଅନୁମତି ଦିଆଯିବ। ଭକ୍ତଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା, ଟିକେଟ କାଉଣ୍ଟର, ଜୋତା ଷ୍ଟାଣ୍ଡ ବ୍ୟବସ୍ଥା ରହିବ। ଜୋତା ଷ୍ଟାଣ୍ଡ ଏବଂ ମୋବାଇଲ୍ ଷ୍ଟାଣ୍ଡ ଭକ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିବ। ଗୁଣ୍ଡିଚା ମନ୍ଦିରକୁ ସମ୍ପୂର୍ଣ୍ଣ ସିସିଟିଭି ବଳୟରେ ରଖାଯିବ। ଅନ୍ୟପଟେ ଶ୍ରୀମନ୍ଦିର ଆନନ୍ଦ ବଜାରରେ ଆଗାମୀ ଦିନରେ ମହାପ୍ରସାଦ ଦର ତାଲିକା ଲଗାଯିବ।ଏନେଇ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରାଯିବ। ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମି ସେଟେଲମେଣ୍ଟ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅନଲାଇନ ମାଧ୍ୟମରେ ଆବେଦନ କରିବେ। ଏନେଇ ଓକାକ୍ ପକ୍ଷରୁ ଏକ ସ୍ୱତନ୍ତ୍ର ପୋର୍ଟାଲ କରାଯିବା ପରେ ଲୋକମାନେ ଜମି ସେଟେଲମେଣ୍ଟ ନେଇ ଆବେଦନ କରିପାରିବେ। ସେବାୟତ ଓ ସେବାୟତ ନିଯୋଗ ପାଇଁ ଜମି ସେଟେଲମେଣ୍ଟ ନେଇ ସ୍ୱତନ୍ତ୍ର ରିହାତି ରହିବ। ଯେଉଁମାନେ ଅଫଲାଇନରେ ପୂର୍ବରୁ ଆବେଦନ କରିଛନ୍ତି ସେମାନଙ୍କୁ ପୁନର୍ବାର ଅନଲାଇନରେ ଆବେଦନ କରିବାକୁ ପଡ଼ିବ। ଆସନ୍ତା ୨୬ ତାରିଖ ଶନିବାର ଦିନ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଏବଂ ଶ୍ରୀମନ୍ଦିର ବାହାରେ ଭକ୍ତଙ୍କ ପାଇଁ ଏସି ସେଡ ବ୍ୟବସ୍ଥା କାର୍ଯ୍ୟକାରୀ ନେଇ ଆଲୋଚନା ହେବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।



# ଶ୍ରୀମନ୍ଦିରରେ ରାଧାଷ୍ଟମୀ, ନଗର ପରିକ୍ରମା କଲେ ଶ୍ରୀସୁଦର୍ଶନ ଦେବ

**ପୁରୀ,୧୯/୯ ନ୍ୟୁଜ ବ୍ୟୁରୋ**

ଶନିବାର ଶ୍ରୀମନ୍ଦିରରେ ରାଧାଷ୍ଟମୀ ପର୍ବ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀସୁଦର୍ଶନ ଦେବ ନଗର ପରିକ୍ରମା କରିବା ସହ ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ୪ ଆଶ୍ରମକୁ ବିଜେ କରିଥିଲେ । ମଧ୍ୟାହ୍ନ ଧୂପ ଶେଷ ପରେ ସ୍ୱତନ୍ତ୍ର ନୀତି ଆରମ୍ଭ ହୋଇଥିଲା । ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଶ୍ରୀସୁଦର୍ଶନଙ୍କୁ ଦେଇଥିଲେ । ଦଇତାପତିମାନେ ଶ୍ରୀସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳରେ ବିଜେ କରାଇଥିଲେ । ଠାକୁରେ ପାଟପତନୀ ସୁନା ହରଡ଼ମାଳ ଓ ଚୂଳ ଲାଗି ହୋଇ ଘଣ୍ଟ ଘଣ୍ଟାର ପଟୁଆରରେ ସୁଦର୍ଶନ ଦେବ ଶ୍ରୀମନ୍ଦିର ବେଢ଼ା ବୁଲି ନଗର ପରିକ୍ରମାରେ ବାହାରିଥିଲେ ।



ସେବାୟତଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀସୁଦର୍ଶନ ବାହାରି ନଗର ପରିକ୍ରମା କରିବା ସହ ଶ୍ରୀଜମ୍ବେଶ୍ୱରଙ୍କ ମନ୍ଦିରରେ ବିଜେ ହେବା ସହ ଶ୍ରୀଜମ୍ବେଶ୍ୱର ଠାକୁରେ ଦେଇଥିଲେ ବଡ଼ଦେଉଳ ଆୟବ୍ୟୟର ହିସାବ । ପରମ୍ପରା ଅନୁଯାୟୀ ଜମ୍ବେଶ୍ୱର ମହାଦେବଙ୍କ ପକ୍ଷରୁ ଜଣେ ପୂଜାପଣ୍ଡା ସାମନ୍ତ ଶ୍ରୀମନ୍ଦିରର ବାର୍ଷିକ ଆୟବ୍ୟୟ ପଢ଼ିବାର ଦେବବିଧି ସମ୍ପନ୍ନ ହୋଇଥିଲା । ଶୀତଳଭୋଗ ଓ ପ୍ରସାଦ ଲାଗି ପରେ ଶ୍ରୀସୁଦର୍ଶନ ଦେବ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ । ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଏହି ଦିନ ମହାପ୍ରଭୁ ଆୟବ୍ୟୟର ହିସାବ ନେଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ହିସାବ ରକ୍ଷକ ହେଉଛନ୍ତି ଶ୍ରୀଜମ୍ବେଶ୍ୱର ମହାପ୍ରଭୁ । ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀସୁଦର୍ଶନଦେବ ଏହି ଦାୟିତ୍ୱ ପାଳନ କରିଥାନ୍ତି ।

# ସେବାୟତଙ୍କ କଳିରେ ଶ୍ରୀଲିଙ୍ଗରାଜଙ୍କ ନୀତି ବିଭ୍ରାଟ

**ଭୁବନେଶ୍ୱର, ୧୯/୯ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୂଆବର୍ଷ ପରି ଗୁରୁତ୍ୱପୂର୍ଣ୍ଣ ତିଥିରେ ନୀତି ବିଭ୍ରାଟ ହୋଇଥିଲା । ରାତିରେ ବଡ଼ସିଂହାର ବଢ଼ିବା ପରେ ପଞ୍ଚବକ୍ର ବିଜେକୁ ନେଇ ଉଭୟ ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗ ସେବାୟତଙ୍କ ମଧ୍ୟରେ ଉପୁଜିଥିଲା ବିବାଦ। ଫଳରେ ରାତିତମାମ ମହାପ୍ରଭୁ ଅନିଦ୍ରା ରହିବା ସହ ମନ୍ଦିର ପହୁଡ଼ ପଡ଼ି ନଥିଲା । ଏତିକିରେ ବି ସେବାୟତଙ୍କ ରାଗ ପ୍ରଶମିତ ହେଲାନି । ଉଭୟ ପକ୍ଷ(ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗ) ଜିଦରେ ଅଟଳ ରହିବାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିରରେ କୌଣସି ପୂଜା ନୀତି ହେଲା ନାହିଁ । ସାରା ଦିନ ଦିଅଁ ଅଗାଧୁଆ ଓ ଉପାସ ରହିଲେ । ଶେଷରେ କୌଣସି ମତେ ୧୯ ଘଣ୍ଟା ପରେ ନୀତିରେ ଯୋଗଦେଲେ ୨ ନିଯୋଗର ସେବାୟତ। ଏ ନେଇ ଦିନତମାମ ମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ, ବଡୁ ନିଯୋଗ ସଭାପତି ଓ ସମ୍ପାଦକ, ପୂଜାପଣ୍ଡା ନିଯୋଗ ସଭାପତି ଓ ସମ୍ପାଦକ ଏବଂ ବ୍ରାହ୍ମଣ ନିଯୋଗର ୨ ସଭାପତି ଓ ୨ ସମ୍ପାଦକମାନେ ଆଲୋଚନା କରିଥିଲେ । ପଞ୍ଚବକ୍ର ବିଜେ ନୀତି ସ୍ୱତ୍ୱକୁ ଉଭୟ ପକ୍ଷ ନିଜର ବୋଲି ଦାବି କରିଥିଲେ । ସମୟ ଗଡ଼ିବାରୁ ୨ ପକ୍ଷ ଚାପରେ ବାଧହୋଇ ମନ୍ଦିର ପ୍ରଶାସନର ଶେଷ ପ୍ରସ୍ତାବରେ ରାଜି ହୋଇଥିଲେ । ମନ୍ଦିର ପ୍ରଶାସନ ପ୍ରସ୍ତାବରେ ସେବାୟତଙ୍କୁ କହିଲେ ଯେ ଏହି ପ୍ରସଙ୍ଗ ରବିବାର ପରେ ଟ୍ରଷ୍ଟବୋର୍ଡ ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରି ସମାଧାନ କରାଯିବ । ଯଦି ଉକ୍ତ ବୈଠକରେ ବିବାଦ ସମାଧାନ ନ ହେଲା, ତା'ହେଲେ ଦେବୋତ୍ତର ଧାରା ୪୧ ଅନୁଯାୟୀ ସେବାୟତମାନେ ଅଦାଲତଙ୍କ ଆଶ୍ରୟ ନେଇପାରିବେ । କିନ୍ତୁ ଜିଲ୍ଲାପାଳଙ୍କ ବୈଠକ ପର୍ଯ୍ୟନ୍ତ ଆଗରୁ ଯେଉଁ ନିଯୋଗ ପଞ୍ଚବକ୍ର ବିଜେ କରୁଥିଲେ ସେମାନେ ହିଁ ଏବେ ଉକ୍ତ ସେବା କରିବେ । ବାରମ୍ବାର ନୀତି ବିଭ୍ରାଟ ଓ ଯାତ୍ରା ବିବାଦକୁ ନେଇ କିଛି ଶ୍ରଦ୍ଧାଳୁ ରୋଚକ ମତ ରଖିଛନ୍ତି । ଶ୍ରଦ୍ଧାଳୁମାନେ କହିଛନ୍ତି, ସେବାୟତଙ୍କ ଅନ୍ତଃକନ୍ଦଳରୁ ପ୍ରଥମେ ଠାକୁରଙ୍କ ପବିତ୍ରାରୋପଣ ପରେ ମକର ବେଢ଼ା ଭଳି ୨ଟି ଗୁରୁତ୍ୱପୂର୍ଣ୍ଣ ଯାତ୍ରା ବିବାଦରେ ଛନ୍ଦି ହେଲା । ଏହି ପରିପ୍ରେକ୍ଷୀରେ ମନ୍ଦିର ପ୍ରଶାସନ କହିଛନ୍ତି, ବିବାଦୀୟ ଯାତ୍ରା ନୀତିକୁ ବାଦ୍ ଦେଇ ଏଭଳି ଦିନଗୁଡ଼ିକରେ ଦୈନନ୍ଦିନ ନୀତି ସେବାୟତମାନେ ଯେମିତି ବି ହେଉ ତୁଲାଇବେ । ଏବେ ଯାତ୍ରା ବିବାଦ ସହିତ ଦୈନନ୍ଦିନ ନୀତି (ପଞ୍ଚବକ୍ର ବିଜେ)ବି ବିବାଦୀୟ ହୋଇଗଲା । ଏ କ୍ଷେତ୍ରରେ ବିବାଦ ସମାଧାନ ନ ହେଲେ ପ୍ରଶାସନ କ'ଣ ବିକଳ୍ପ କରିବେ ନା ଦୈନନ୍ଦିନ ନୀତିରୁ ବିବାଦୀୟ ନୀତିକୁ ଅଣଦେଖା କରାଯିବ, ତାହା ଏବେ ଦେଖିବାକୁ ବାକି ରହିଲା । କିଛି ସେବାୟତ କହିଛନ୍ତି, ବିବାଦ ସମାଧାନ କରିବା ଓ ସିଦ୍ଧାନ୍ତ ନେବାକୁ ଉଭୟ ପ୍ରଶାସନିକ ଅଧିକାରୀ ଓ ଦେବୋତ୍ତର ବିଭାଗ ଜାଣିଶୁଣି ସମୟ ଗଡ଼ାଉଛନ୍ତି । ଅଧିକାରୀମାନେ ନିଜ କାର୍ଯ୍ୟକାଳ ପର୍ଯ୍ୟନ୍ତ ସବୁ ପକ୍ଷଙ୍କ ପାଖରେ ନିଜକୁ ନିରପେକ୍ଷ ବୋଲି ପ୍ରମାଣିତ କରବାକୁ ଯାଇ ନିଷ୍କ୍ରିୟ ହୋଇଯାଉଛନ୍ତି। ବାସ୍ତବରେ ବିବାଦକୁ ତୁଟାଇବାକୁ ହେଲେ ନ୍ୟାୟଯୁକ୍ତ ପକ୍ଷ ସପକ୍ଷରେ ମତ ଦେଇ ରଫାଦଫା କରିବା କଥା । ତାହା ନ ହେବା କାରଣରୁ ବାରମ୍ବାର ଦିଅଁଙ୍କ ନୀତି ବିଭ୍ରାଟ ହେଉଛି ।



# ଜାତି ପ୍ରମାଣପତ୍ର ରଦ୍ଦ ପାଇଁ ଏସଏଲଏସସି ଦେଇଥିବା ନିର୍ଦ୍ଦେଶ ହାଇକୋର୍ଟରେ ଅଗ୍ରାହ୍ୟ

**କଟକ, ୧୯/୦୯ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଜାତି ପ୍ରମାଣପତ୍ର (ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି) ନିୟମାବଳୀ, ୧୯୮୦ ଅଧୀନରେ ପ୍ରଦାନ କରାଯାଇଥିବା ଜାତି ପ୍ରମାଣପତ୍ରର ବୈଧତା ଯାଞ୍ଚ ବା ଏହାକୁ ରଦ୍ଦ କରିବା ପ୍ରସଂଗ ରାଜ୍ୟ ସ୍ତରୀୟ ଯାଞ୍ଚ କମିଟି(ଏସଏଲଏସସି) କ୍ଷମତା ପରିସର ବାହାରେ। ଆବେଦନକାରୀଙ୍କ ଜାତି ପ୍ରମାଣପତ୍ର ବାତିଲ କରିବା ସହିତ ଚାକିରିରୁ ବହିଷ୍କାର ନିର୍ଦ୍ଦେଶ ଦେଇ ଏସଏଲଏସସି ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥି ସହିତ ଏସଏଲଏସସି ନିର୍ଦ୍ଦେଶ ଆଧାରରେ ଆବେଦନକାରୀଙ୍କ ବିରୋଧରେ ନିଆଯାଇଥିବା ସମସ୍ତ କାର୍ଯ୍ୟାନୁଷ୍ଠାନକୁ ବେଆଇନ ଘୋଷଣା କରିବା ସହ ଆସନ୍ତା ୩ ମାସ ମଧ୍ୟରେ ସେମାନଙ୍କୁ ସମସ୍ତ ସୁବିଧା ପ୍ରଦାନ ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନ.ସି.ବେହେରା ଓ ଏସ.ସି.ବେହେରାଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୯୮୧ ଓ ୧୯୮୬ରେ ବାଙ୍କୀ ତହସିଲଦାର ଦୁଇ ଆବେଦନକାରୀ 'ଧୀବର (କୈବର୍ତ୍ତ)' ଜାତିର ବୋଲି ଦର୍ଶାଇ ସେମାନଙ୍କୁ ଅନୁସୂଚିତ ଜାତି ପ୍ରମାଣପତ୍ର ଜାରି କରିଥିଲେ। ଏହି ପ୍ରମାଣପତ୍ରଦାଖଲ କରିବା ସହିତ ଅନ୍ୟାନ୍ୟ ଯୋଗ୍ୟତା ପୂରଣ କରିବା ପରେ ଆବେଦନକାରୀଙ୍କୁ ୧୯୯୩ରେ ପୁଲିସ କନଷ୍ଟେବଳ ଭାବେ ନିଯୁକ୍ତି ମିଳିଥିଲା। ୨୦୧୩ରେ ଏକ ପାରିବାରିକ ବିବାଦ ପରେ ଆବେଦନକାରୀ ଜାଲ୍ ତଥ୍ୟ ଦେଇ ଜାତି ପ୍ରମାଣପତ୍ର ହାସଲ କରିଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ଏସଏଲଏସସି ତଦନ୍ତ କରି ୨୦୨୩ରେ ସେମାନଙ୍କ ଜାତି ପ୍ରମାଣପତ୍ର ରଦ୍ଦ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହ ଚାକିରିରୁ ବହିଷ୍କାର ପାଇଁ କଟକ ଏସପିଙ୍କୁ ଆଦେଶ ଦେଇଥିଲେ। ଏହାପରେ ଆବେଦନକାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହି ନିର୍ଦ୍ଦେଶ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ୧୯୮୦ ନିୟମାବଳୀର ନିୟମ ୮(୨) ଅନୁଯାୟୀ, ପ୍ରମାଣପତ୍ର ଜାରି କରିଥିବା ପ୍ରାଧିକୃତ ଅଧିକାରୀ (ଯେପରିକି ତହସିଲଦାର) ଏହାକୁ ରଦ୍ଦ କରି ପାରିବେ ଓ ଏପରି ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଇଥିବା ସୁବିଧା ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ଦେଇ ପାରିବେ। କୁମାରୀ ମାଧୁରୀ ପାଟିଲ ମାମଲାରେ ଏସଏଲଏସସି ଗଠନ ନିର୍ଦ୍ଦେଶ କେବଳ ସେହି ରାଜ୍ୟଗୁଡ଼ିକ ପାଇଁ ଥିଲା ଯେଉଁଠି କୌଣସି ଆଇନ କିମ୍ବା ନିୟମାବଳୀ ନ ଥିଲା। ଓଡ଼ିଶାରେ ୧୯୮୦ରୁ ନିଜସ୍ୱ ନିୟମାବଳୀ ରହିଛି। ତେଣୁ ଏସଏଲଏସସିର ଏହି ପ୍ରସଂଗରେ କୌଣସି ଅଧିକାର ନାହିଁ।




## ୨୧ରୁ ରାଜ୍ୟବ୍ୟାପୀ 'ଦମନ' ଅଭିଯାନ

# 'ଅପରାଧୀ ଓ ଅସାମାଜିକଙ୍କ ଉପରେ ନିଆଯିବ କଡ଼ା ପଦକ୍ଷେପ'

**କଟକ, ୧୯/୦୯ ନ୍ୟୁଜ ବ୍ୟୁରୋ**

ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ଅପରାଧୀ ଓ ଅସାମାଜିକଙ୍କ ଉପରେ କଡ଼ା ପଦକ୍ଷେପ ନେବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଆରମ୍ଭ କରାଯାଉଛି । ଏହି ଅଭିଯାନ ୨୧ ସେପ୍ଟେମ୍ବରରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ। ଅଭିଯାନ ସମୟରେ ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବ। ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରିବା ସହ ପ୍ରତିଷେଧମୂଳକ ଆଇନଗତ ପଦକ୍ଷେପ ନିଆଯିବ। ବେଆଇନ କାର୍ଯ୍ୟକଳାପ ବିରୋଧରେ ଚଢ଼ଉ ଓ ଗିରଫଦାରୀକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ବେଆଇନ ମଦ କାରବାର, ନିଶାଦ୍ରବ୍ୟ ଚାଲାଣ, ବେଆଇନ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ କାରବାର ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ବଳପୂର୍ବକ ଚାନ୍ଦା ଆଦାୟ ଏବଂ ସଂଗଠିତ ଅପରାଧ ବିରୋଧରେ ମଧ୍ୟ କଡ଼ା ଆଇନଗତ ପଦକ୍ଷେପ ନିଆଯିବ। ଅପରାଧୀଙ୍କ ଗତିବିଧି ରୋକିବା ପାଇଁ ସୀମାନ୍ତ ଅଞ୍ଚଳରେ ବ୍ଲକିଂ ଓ ବର୍ଡର ସିଲିଂ କରାଯିବ। ଜିଲ୍ଲା ପୋଲିସ, ରେଳବାଇ ପୋଲିସ, କମିଶନରେଟ୍ ପୋଲିସ ଓ ସମ୍ପୃକ୍ତ ପୋଲିସ ୟୁନିଟ୍‌ଗୁଡ଼ିକ ପରସ୍ପର ସମନ୍ୱୟରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରିବେ। ପର୍ବ ପର୍ବାଣୀ ସମୟରେ ରାଜ୍ୟବାସୀଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତ କରିବା ସହ ଅପରାଧ ନିୟନ୍ତ୍ରଣ ପାଇଁ ଓଡ଼ିଶା ପୋଲିସର ନିରନ୍ତର ପ୍ରୟାସ ଜାରି ରହିବ।

# ମନ୍ମଥ କୁମାର ଶତପଥୀଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ




**ଭୁବନେଶ୍ୱର, ୧୯/୦୯ ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ନାଟ୍ୟକାର ତଥା ଲୋକସଂସ୍କୃତି ବିଶାରଦ ମନ୍ମଥ କୁମାର ଶତପଥୀଙ୍କ ଦୁଇଟି ପୁସ୍ତକ 'ନାଟକ ଗୁଚ୍ଛ' ଓ ' ମୁଁ ଓ ମୋର ନାଟକ' ଶନିବାର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଲୋକାର୍ପିତ ହୋଇଯାଇଛି । ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପ୍ରାକ୍ତନ ସଚିବ ଡକ୍ଟର ପ୍ରବୋଧ କୁମାର ରଥ ମୁଖ୍ୟଅତିଥି, ବିଶିଷ୍ଟ ଲୋକସଂସ୍କୃତିବିତ୍ ଡକ୍ଟର ଶାନ୍ତନୁ କୁମାର ରଥ ମୁଖ୍ୟବକ୍ତା, ବିଶିଷ୍ଟ ସାହିତ୍ୟିକ ଡକ୍ଟର ରମେଶ ଚନ୍ଦ୍ର ପାଣି ସମ୍ମାନିତ ବକ୍ତା ଓ ଯୁବ ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଶ୍ରୀ ଶତପଥୀଙ୍କ ଦୀର୍ଘ ପାଞ୍ଚ ଦଶନ୍ଧିର ନାଟ୍ୟ ରଚନା, ନିର୍ଦ୍ଦେଶନା ଓ ରଙ୍ଗମଞ୍ଚ ଅନୁଭୂତି ଉପରେ ଆଲୋକପାତ କରିଥିଲେ । ସେମାନେ କହିଲେ ଯେ, ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ବ୍ୟକ୍ତିତ୍ୱ ବିକାଶରେ ସହାୟକ । ଯେତେବେଳେ ଓଡ଼ିଆ ନାଟ୍ୟପ୍ରେମୀ ପେଶାଦାର ରଙ୍ଗମଞ୍ଚ ଓ ନବନାଟ୍ୟ ଆନ୍ଦୋଳନରୁ ମୁହଁ ଫେରାଇ ନେଉଥିଲେ ସେହି ସମୟରେ ଶ୍ରୀ ଶତପଥୀ ଓଡ଼ିଆ ନାଟକକୁ ପୁନର୍ଜିବିତ କରିଥିଲେ । ତାଙ୍କ ଉପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ଓ ତାଙ୍କ ପିତା ପଣ୍ଡିତ ଶ୍ରୀଧର ଶତପଥୀଙ୍କ ଆଶୀର୍ବାଦ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦ ପାଠ କରିଥିବାବେଳେ ଡକ୍ଟର ଦେବାଶିଷ ମହାପାତ୍ର ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବନମାଳୀ ବେହେରାଙ୍କୁ କବିଚନ୍ଦ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଜୀବନ କୃଷ୍ଣ ମିଶ୍ର, ନିର୍ମଳ କୁମାର ମହାପାତ୍ର, ରକ୍ଷକ ନାୟକ, ବିବେକାନନ୍ଦ ପାଣିଗ୍ରାହୀ, ମୈତ୍ରେୟୀ କାମିଲା, ଅଲେଖ ନନ୍ଦୀ, ଜଗତ ଚନ୍ଦ୍ର ଦାସ, ଗଗନ ବିହାରୀ ରାଉତ ଓ ଡକ୍ଟର ଅରୁଣ କୁମାର ନାୟକ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ପରିଶେଷରେ ସନ୍ତୋଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୁବ୍‌ଶୀଘ୍ର ସମସ୍ତ ବାସହୀନଙ୍କୁ ମିଳିବ ପିଏମ ଆବାସ : କେନ୍ଦ୍ର ମନ୍ତ୍ରୀ

**ଭୁବନେଶ୍ୱର, ୧୯/୦୯ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ କେହି ବାସହୀନ ରହିବେ ନାହିଁ। ରାଜ୍ୟର ସମସ୍ତ ବାସହୀନଙ୍କୁ ଖୁବଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାସୱାନ। ମନ୍ତ୍ରୀ କହିଛନ୍ତି, ଦେଶର କୌଣସି ବ୍ୟକ୍ତି ଘର କିମ୍ବା ଶୌଚାଳୟ ବିନା ରହିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଦେଶବାସୀଙ୍କୁ କହିଛନ୍ତି। ଏହା ପରେ କେନ୍ଦ୍ର ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ସମଗ୍ର ଦେଶରେ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ସମସ୍ତ ରାଜ୍ୟରୁ ରିପୋର୍ଟ ମଗାଯାଇଛି ଏବଂ ବାସହୀନଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ସର୍ଭେରେ ଯେଉଁମାନଙ୍କର ନିଜସ୍ୱ ଆବାସ ନଥିବା ଚିହ୍ନଟ ହେବ। ସେମାନଙ୍କୁ ପିଏମ୍ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଓ ପଞ୍ଜାବ ଭଳି ରାଜ୍ୟରେ ମଧ୍ୟ ସର୍ଭେ ଆଧାରରେ ବାସହୀନଙ୍କୁ ଆବାସ ପ୍ରଦାନ କରାଯିବ। ଓଡିଶାରେ ମଧ୍ୟ ଖୁବଶୀଘ୍ର ସମସ୍ତ ବାସହୀନଙ୍କୁ ଆବାସ ଦିଆଯିବ। ବିରୋଧୀ ଆବାସକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି, ଆରୋପ ଲଗେଇବା ସହଜ, ଯେଉଁମାନେ ଆରୋପ ଲଗାଉଛନ୍ତି, ସେମାନେ କେତେ ବର୍ଷ ଓଡିଶାରେ ଶାସନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଖୁବଶୀଘ୍ର ଆବାସ ଏବଂ ଗ୍ରାମୀଣ ସଡ଼କ କରାଯିବ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୯/୦୯/୨୦୨୬
୩,୯୪,୬୧୨/- ଟଙ୍କା
ସୁନା:- ଶୂନ୍ୟ
ରୂପା:-୧୪ ଗ୍ରାମ୍ ୫୦୦ମିଲିଗ୍ରାମ




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଦୁର୍ଗାପୂଜା ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା

**କଟକ, ୧୯/୦୯ ନ୍ୟୁଜ ବ୍ୟୁରୋ**

କଟକରେ ଦୁର୍ଗାପୂଜା ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ଆରମ୍ଭ ହୋଇଛି । ବାରବାଟୀ ପ୍ୟାଲେସରେ ସକାଳ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଆବେଦନ କରାଯାଇଥିବା ବେଳେ ଶାରଦୀୟ ଦୁର୍ଗାପୂଜା-୨୦୨୬କୁ କଟକ ସହରରେ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଗମ ଭାବେ ପାଳନ ନିମନ୍ତେ ବାରବାଟୀ ପ୍ୟାଲେସଠାରେ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି । ପ୍ରଥମ ୪ଦିନରେ ସମସ୍ତ ପୂଜା କମିଟି ଏନ୍‌ଓସି ଓ ଆବଶ୍ୟକ ଅନୁମତିପତ୍ର ପାଇଁ ଆବେଦନ କରିପାରିବେ । ପୂଜା କମିଟିଗୁଡ଼ିକୁ ତ୍ୱରିତ ଭାବେ ଏନ୍‌ଓସି ଓ ଆବଶ୍ୟକ ଅନୁମତି ପ୍ରଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି । ତହସିଲ କାର୍ଯ୍ୟାଳୟ, ଆରଟିଓ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଆବଶ୍ୟକ ଅନୁମତି ପ୍ରମାଣପତ୍ର ପାଇଁ ଆବଶ୍ୟକ ଫି ମଧ୍ୟ ଗୋଟିଏ ସ୍ଥାନରେ ଦାଖଲ କରାଯାଇପାରିବ । ବାରବାଟୀ ପ୍ୟାଲେସଠାରେ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପୂଜା କମିଟିଗୁଡ଼ିକର ଆବେଦନ ଗ୍ରହଣ କରିବା ସହ ଆବଶ୍ୟକ ପ୍ରକ୍ରିୟା ସମ୍ପାଦନ କରିବେ । ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବ । ଉପଜିଲ୍ଲାପାଳ, କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ସିଂ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମର ନୋଡାଲ ଅଧିକାରୀ ଅଛନ୍ତି ।

